## ଯୋଜନାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ

# ଉଡ଼ି ଗଲାଣି ଆବର୍ଜନା ପୃଥକୀକରଣ କେନ୍ଦ୍ର ଛାତ

**ବନ୍ତ/ଆଗରପଡ଼ା, ୨୩।୪(ସମିସ)**




ସରକାର ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନା ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇ ପାରୁ ନ ଥିବା ଜଣାପଡ଼ିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛଭାରତ ମିଶନ ପକ୍ଷରୁ ଏକଲକ୍ଷ ଟଙ୍କା ବ୍ୟୟରେ ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆବର୍ଜନା ପୃଥକୀକରଣ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା। ଇତିମଧ୍ୟରେ ନିର୍ମାଣକୁ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ବିଭିନ୍ନ ପଞ୍ଚାୟତରେ ଏହା ତାର ମୂଳଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଥିବା ବେଳେ ଛୟାଳସିଂ ପଞ୍ଚାୟତର ଛଆଳସିଂ ଗ୍ରାମରେ ନିର୍ମିତ କେନ୍ଦ୍ରର ଅଧା ଛାତ(ଆଜବେଷ୍ଟସ)ଉଡ଼ି ଯାଇଥିବା ଦେଖାଯାଇଛି। ସେହିପରି ଅନ୍ୟ ପଞ୍ଚାୟତରେ ନିର୍ମିତ କେନ୍ଦ୍ର କାମରେ ଲାଗି ନ ପାରି କେବଳ ଶୋଭା ବର୍ଦ୍ଧନ କରୁଛି। ସୁନ୍ଦରରଙ୍ଗ କାମକୁ ତିନି ଗୋଟି ଅଲଗା ଅଲଗା କୋଠରି ନିର୍ମାଣ କରାଯାଇଥିବା ବେଳେ ନିର୍ମିତ କେନ୍ଦ୍ରର କାନ୍ଥ ଚାରିପଟେ ଏହାର ଉପଯୋଗିତା ଉପରେ ବ୍ୟଙ୍ଗଚିତ୍ର ମଧ୍ୟ ଅଙ୍କା ଯାଇଛି। କିନ୍ତୁ ନିର୍ମାଣକୁ ବହୁଦିନ ବିତିଯାଇଥିଲେ ସୁଦ୍ଧା ଏହା କାମରେ ଲାଗି ପାରୁ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ କାଦବରାଙ୍ଗ ପଞ୍ଚାୟତରେ ନିର୍ମିର କେନ୍ଦ୍ରଟି କାଦବରାଙ୍ଗ ବଜାର ଅଞ୍ଚଳରେ ନିର୍ମିତ ହୋଇଥିବାରୁ ବଜାର ଅଞ୍ଚଳ ସ୍ୱଚ୍ଛରହିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ କୁଣ୍ଡ ପଡ଼ିଛିଫାଙ୍କା। କିନ୍ତୁ ବାହାରେ ଗଦାଗଦା ଅଳିଆ ପଡ଼ି ପରିବେଶକୁ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। ପ୍ରକଳ୍ପ ନିର୍ମାଣ ହେଉଛି କିନ୍ତୁ ଏହାର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରକଳ୍ପର ସଫଳ ରୂପାୟନ ହୋଇପାରୁ ନ ଥିବା ଉକ୍ତ ପ୍ରକଳ୍ପକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନା ମୁକ୍ତ କରିବା ପାଇଁ ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ନଷ୍ଟ ହେବା ଆଗରୁ ଏହାର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ■ ମରଣଯନ୍ତା ମଙ୍ଗୁଲି ଗ୍ରାମ୍ୟରାସ୍ତା

# ପକ୍କା ରାସ୍ତା ଓ ଡ୍ରେନ୍ ନିର୍ମାଣ ଦାବି



**ବନ୍ତ/ଆଗରପଡ଼ା, ୨୩।୪(ସମିସ):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ଅନ୍ତର୍ଗତ ମଙ୍ଗୁଲି ଗ୍ରାମ୍ୟ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସହ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ ମଧ୍ୟ କରିଥିଲେ। ପରେ ୨୦୨୦ ନଭେମ୍ବର ମାସରେ ତତ୍କାଳୀନ ବିଡିଓ(ବନ୍ତ)ରେବେକା ବିଲୁଙ୍ଗ ରାସ୍ତା ପରିଦର୍ଶନରେ ଆସି ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ୨୦୨୦-୨୧ ଆର୍ଥିକବର୍ଷରେ ବ୍ରାହ୍ମଣ ସାହିରୁ ଆରଡ଼ି ରାସ୍ତା ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଜିଏସ୍ ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ରାସ୍ତା କାମ ହୋଇଥିଲା। ବର୍ତ୍ତମାନ ମରାମତି ଅଭାବରୁ ଉକ୍ତ ରାସ୍ତା ତା ପୂର୍ବ ଅବସ୍ଥାକୁ ଫେରି ଆସିବା ସହ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷାହେଲେ ମରଣଯନ୍ତା ପାଲଟି ଯାଏ। ତେଣୁ ଉକ୍ତ ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ସହ ଡ୍ରେନ ବ୍ୟବସ୍ଥା ଓ ଗାର୍ଡୱାଲ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମୋଦୀ ଗ୍ୟାରେଣ୍ଟି ସଂକଳ୍ପପତ୍ରର ଲୋକାର୍ପଣ



**ଭଦ୍ରକ, ୨୩।୪(ସମିସ):** ଭଦ୍ରକ ବିଜେପି କାର୍ଯ୍ୟାଳୟରେ ମୋଦୀ ଗ୍ୟାରେଣ୍ଟି ସଂକଳ୍ପପତ୍ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଲୋକସଭା ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶ ବର୍ଷର ମୋଦିଙ୍କ ଦ୍ୱିତୀୟ ସଂକଳ୍ପ ଘୋଷଣା ପତ୍ରରେ ଅଧାରୁ ଅଧିକ ସଂକଳ୍ପ ପୂରଣ ହୋଇଥିବା ନେଇ ଆଲୋଚନା ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର, ଲୋକସଭା ପ୍ରଭାରୀ ବୈଦ୍ୟନାଥ ଚାଟାର୍ଜୀ, ବରିଷ୍ଠ ନେତା ଭଗବାନ ପଣ୍ଡା, ବରିଷ୍ଠନେତା ମନୋରଞ୍ଜନ ମଲ୍ଲିକ, ଶଶିକାନ୍ତ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ବ୍ରଜକିଶୋର ମିଶ୍ର, ଦୁର୍ଗାଚରଣ ନାୟକ ଓ ଅନ୍ୟ ବରିଷ୍ଠ ନେତୃତ୍ୱ ଉପସ୍ଥିତିରେ ମୋଦି ଗ୍ୟାରେଟିଂ ସଂକଳ୍ପ ପତ୍ର ଲୋକାର୍ପଣ କରାଗଲା।

## ଶୋଷ ମେଣ୍ଟାଇବା ପାଇଁ ରୋଗକୁ ଆମନ୍ତ୍ରଣ

# ବଜାରରେ ମିଳୁଛି ନିମ୍ନମାନର ମୃଦୁ ପାନୀୟ ଓ ବୋତଲ ପାଣି

**ବନ୍ତ/ଆଗରପଡ଼ା, ୨୩।୪(ସମିସ):** ଏବେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ପୂର୍ବାହ୍ନ ୧୦ଟା ପରେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଥିବା ଲୋକେ ଶୋଷ ମେଣ୍ଟାଇବାକୁ ବିଭିନ୍ନ ବୋତଲ ପାଣି ଓ ମୃଦୁପାନୀୟ ଉପରେ ନିର୍ଭର କରୁଛନ୍ତି। କିଛି ଭଲ କମ୍ପାନୀର ପାଣି ବୋତଲ ଅଧିକ ଦରରେ ବିକ୍ରି ହେଉଥିବା ବେଳେ ଅନେକ ଦୋକାନରେ ଶସ୍ତାରେ ପାଣି ବୋତଲ ଓ ପାଣି ପାଉଚ୍ ମିଳୁଛି। ତେବେ ଏହାର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠୁଛି। ପ୍ରଥମତଃ ପାଣି ବୋତଲ ପ୍ରସ୍ତୁତ ପାଇଁ ବିଆଇଏସ୍ (ବ୍ୟୁରୋ ଆଣ୍ଡ ଇଣ୍ଡିଆନ ଷ୍ଟାଣ୍ଡାର୍ଡ) ପକ୍ଷରୁ ଅନୁମତି ଆଣିବାକୁ ପଡ଼ିଥାଏ। ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନଳକୂଅ ପାଣି, ଆଉ ମେସିନ ଓ ପାଣି ବୋତଲ ପ୍ରସ୍ତୁତ ପରେ ପରୀକ୍ଷା କରାଯାଇ ପାଣି ବିକ୍ରି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥାକୁ ଲାଇସେନ୍ସ ମିଳିଥାଏ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତି ବୋତଲ ଓ ପାଉଚ ପ୍ୟାକେଟ୍ ଉପରେ ପ୍ରସ୍ତୁତି ଓ ବ୍ୟବହାରର ସମ୍ପୂର୍ଣ୍ଣ ବିବରଣୀ ରହିବା ନିୟମ ରହିଛି। କିନ୍ତୁ ଅଧିକାଂଶ କମ୍ପାନୀର ପାଣି ବୋତଲ ଓ ପାଉଚ୍ ଉପରେ ଏହା ଦେଖିବାକୁ ମିଳୁନାହିଁ। ବନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ ବହୁ ପାଣି ବୋତଲ ପ୍ରସ୍ତୁତକାରୀ କମ୍ପାନୀ ଥିଲେ ସୁଦ୍ଧା ସେମାନେ ପ୍ରଶାସନର ନିୟମକୁ ଅବମାନନା କରିବା ଅଭିଯୋଗ ହେଉଛି। ଏ ବାବଦରେ ଖାଦ୍ୟ ସୁରକ୍ଷା ବିଭାଗ ଅବଗତ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବ୍ୟୁରୋ ଆଣ୍ଡ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଲାଇସେନ୍ସ ପ୍ରାପ୍ତ ବୋତଲ ପ୍ରସ୍ତୁତକାରୀ କମ୍ପାନୀରେ ବିଭାଗ ପକ୍ଷରୁ ୨ଥର ଯାଞ୍ଚ ନିୟମ ରହିଛି। ଯାଞ୍ଚ ସମୟରେ କମ୍ପାନୀର ସ୍ୱଚ୍ଛତା ଓ ଆଉ ମେସିନ ତଦାରଖକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏଥି ସହିତ ବିଆଏସ୍‌ର ଲାଇସେନ୍ସ ଯାଞ୍ଚ କରାଯିବା ନିୟମ ମଧ୍ୟ ରହିଛି। ତାହା ମଧ୍ୟ ଠିକ୍ ଭାବେ ହେଉନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ବର୍ତ୍ତମାନ ବନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ ସୋଡ଼ା ମୃଦୁ ପାନୀୟର ଚାହିଦା ବହୁତ ପରିମାଣରେ ବଢ଼ିଯାଇଛି। ଯଦ୍ୱାରା ସୋଡ଼ା ପ୍ରସ୍ତୁତକାରୀ ସଂସ୍ଥା ପ୍ରଶାସନର ନିୟମକୁ ନମାନି ନିଜର ମନମାନୀ ଚଳାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କିଛି ସୋଡ଼ା ବୋତଲକୁ ଖୋଲି ତାକୁ ପିଇବାକୁ ପ୍ରସ୍ତୁତ ହେବା କ୍ଷଣି ଉକ୍ତ ବୋତଲରେ ପୂର୍ବରୁ ତା ଭିତରେ ଥିବା ଜନ୍ଦା ଏବଂ ବିଭିନ୍ନ ପୋକ ଆଦି ଉପରକୁ ଉଠି ଆସୁଥିବା ଦେଖିବାକୁ ମିଳିଛି। ଯାହାକି ଅଜଣତାରେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛି। ଏହା ଜଣାପଡ଼ିବା ପରେ ଉକ୍ତ ସମସ୍ୟାକୁ ଦେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅଭିଯୋଗ ଉପରେ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି। କିଛି ଡାକ୍ତରଙ୍କ କହିବା ଅନୁଯାୟୀ ପ୍ଲାଷ୍ଟିକ ବୋତଲ ପାଣିରେ ଆଦ୍ରତା ନଥାଏ। ଖରାଦିନେ ଜଳୀୟ ଅଂଶ କମ୍ ରହୁଥିବାରୁ କମ୍ ଆଦ୍ରତାଯୁକ୍ତ ପାଣି ପିଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସହ ଜଣ୍ଡିସ ଓ ଟାଇଫଏଡ ଭଳି ରୋଗର ଆଶଙ୍କା ରହିଛି।

## ■ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଦୁର୍ଘଟଣା

# ୧ ମୃତ, ଜଣେ ଗୁରୁତର

**ତିହିଡ଼ି, ୨୩।୪(ସମିସ):** ଭଦ୍ରକ-ଚାନ୍ଦବାଲି ରାସ୍ତାରେ ସୋମବାର ରାତ୍ରି ପ୍ରାୟ ସାଢ଼େ ଦଶଟା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁରତ ଆହତ ହୋଇଛନ୍ତି। ତିହିଡ଼ି ବଡ଼ଗାଲୋ ଛକ ନିକଟରେ ଭଦ୍ରକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବାଲି ବୋଝେଇ ହାଇୱାକୁ ଏକ ବାଇକ୍ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣେ ଯୁବକର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ପ୍ରଫୁଲ ବେହେରାଙ୍କ ପୁଅ ସତ୍ୟବ୍ରତ ବେହେରା (୨୮)। ତାଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗରେ ବୋଲି ଜଣାଯାଇଛି। ଆହତ ଯୁବକ ହେଉଛନ୍ତି ଶଙ୍ଖାଳି ପାଣ୍ଡବଙ୍କ ପୁଅ ଗଣେଶ ପାଣ୍ଡବ (୨୯)। ତାଙ୍କ ଘର ପୀରହାଟ ଥାନା ଅଧୀନ ହରିସିଂହପୁର ପଞ୍ଚାୟତ ମାଣକାହାଣୀ ଗ୍ରାମ ଚଣ୍ଡିସାହିରେ ବୋଲି ଜଣାପଡ଼ିଛି। ସତ୍ୟବ୍ରତ ପୀରହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ଗଣେଶ ମଧ୍ୟ ସେହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦୨ ଆମ୍ବୁଲାନ୍ସର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଉଭୟ ଏକ ବାଇକରେ ତିହିଡ଼ିରୁ ପୀରହାଟ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ମୃତ କଲେଜ କର୍ମଚାରୀଙ୍କ ପରିବାରଙ୍କୁ ଭେଟିଲେ ବିଜେଡି ବିଧାୟକ ପ୍ରାର୍ଥୀ

**ଅସୁରାଳି, ୨୩।୪(ସମିସ):** ଧାମନଗର ବ୍ଲକ ପାଳସାହି ଆଖଣ୍ଡଳମଣି କଲେଜର ଅବସରପ୍ରାପ୍ତ କର୍ମଚାରୀ ଲୋକନାଥ ଦାସଙ୍କ ବିୟୋଗ ଖବର ପାଇ ସୋମବାର ଧାମନଗର ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ ନଦୀଗାଁ ପଞ୍ଚାୟତର ତିନିଘରିଆ ଗ୍ରାମରେ ପହଞ୍ଚି ତାଙ୍କ ଶୋକସନ୍ତପ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଦାସଙ୍କ ୨ ପୁଅ ଦିଲ୍ଲୀପ ଦାସ ଓ ସଞ୍ଜୀବ ଦାସଙ୍କୁ ଏହି ଦୁଃଖଦ ସମୟରେ ଡା. ଦାସ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ନଦୀଗାଁ ସମିତିସଭ୍ୟାଙ୍କ ପ୍ରତିନିଧି କମଳା ଦାସ, ସମାଜସେବୀ ହରିହର ବେହେରା, ସୁଧୀର ଦାସ, ମଧୁସୂଦନ ପରିଡ଼ା, ମଳୟ ପଣ୍ଡା, ଜ୍ୟୋତିପ୍ରକାଶ ସାମିଲ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ରମାକାନ୍ତ ବସନ୍ତିଆ, ବରିଷ୍ଠ ଶିକ୍ଷକ କାଳନ୍ଦୀ ରାଉତ, ଭୀମସେନ ଦାସ, ମାନସରଞ୍ଜନ ବସନ୍ତିଆ, ଯୁଧିଷ୍ଠିର ସାହୁ, ଅର୍ଜୁନ ରାଉତ, ମୋହନ ସାହୁ, ପ୍ରଶାନ୍ତ ପରିଡ଼ା, ଗଣେଶ ନାୟକ, ବିମଳ ରାଉତ, ରତିକାନ୍ତ ବସନ୍ତିଆ, ଦୁର୍ଯ୍ୟୋଧନ ବସନ୍ତିଆ, ପ୍ରଶାନ୍ତ ଦାସ, ରଞ୍ଜନ ଦାସ, ପ୍ରସନ୍ନ ବସନ୍ତିଆ, ନୀଳାମ୍ବର ବସନ୍ତିଆ, ନିର୍ମଳ ନାୟକ, ଦୀପକ ବସନ୍ତିଆ, କୈଳାସ ବସନ୍ତିଆ, ଗଣେଶ ବସନ୍ତିଆ, କରୁଣାକର ମହାଳିକ, ସଞ୍ଜୀବ ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

# ବିଜେଡିରେ ଯୋଗଦେଲେ ୧୫ ପରିବାର

**ଧାମନଗର, ୨୩।୪(ସମିସ)**



ଧାମନଗର ଏନଏସି ଅଞ୍ଚଳର ବିଭିନ୍ନ ୱାର୍ଡରେ ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସୋମବାର ସନ୍ଧ୍ୟାରେ ୯ନମ୍ବର ୱାର୍ଡ ଅଧୀନ କୋରେସିମହଲା ଠାରେ ଏବଂ ୧୦ନମ୍ବର ୱାର୍ଡ ଅଧୀନ କାଜିମହଲା ଛକ ନିକଟରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ନଗର ବିଜେଡି ସଭାପତି ସୁଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ବରେଣ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ସାଂସଦଙ୍କ ନଗର ପ୍ରତିନିଧି ଜଗଦୀଶ ପାତ୍ର, ଛାତ୍ର ସଭାପତି ତୁଷାରକାନ୍ତ ମହାପାତ୍ର, ବରିଷ୍ଠ ବିଜେଡିନେତା ସେକ ଜାଫର ଅଲ୍ଲୀ, ସେକ କୁରବାନ (ଟୁଇକଲ), ପ୍ରାକ୍ତନ ସରପଞ୍ଚ ବିଶ୍ୱରଞ୍ଜନ ଘଡ଼ାଇ, କାଉନସିଲର ପ୍ରତିନିଧି ସେକ ବାବୁନୁ ଓ ମୀର ମୂର୍ତ୍ତୁଜାଙ୍କ ସମେତ ସ୍ଥାନୀୟ ଛାମୁଆ ନେତା ଓ କର୍ମୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୯ନମ୍ବର ୱାର୍ଡ କାଉନସିଲର ନଜମା ଖାତୁନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ୧୦ନମ୍ବର ୱାର୍ଡ ଠାରେ କାଉନସିଲର ପ୍ରତିନିଧି କୃଷ୍ଣ ଚନ୍ଦ୍ର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ବାମଦେବ ମଲ୍ଲିକ, ଶରତ ଯେନା, ଶାନ୍ତନୁ ଯେନା, ଅଙ୍କୁର ଯେନା, ଦାମୋଦର ଦଳେଇ, ବିଦ୍ୟାଧର ଯେନା, ଅଶୋକ ଦଳେଇ, ଧନେଶ୍ୱର ଯେନା, ଗୌରାଙ୍ଗ ଯେନା, କୈଳାସ ଚନ୍ଦ୍ର ଯେନା, ସୁରେନ୍ଦ୍ର ଯେନାଙ୍କ ସମେତ ଦୀର୍ଘ ଦିନର ଛାମୁଆ ନେତା ଓ କର୍ମୀମାନେ ବିଜେପି ଓ କଂଗ୍ରେସ ଦଳ ତ୍ୟାଗକରି ୧୫ପରିବାର ବିଜେଡିରେ ସାମିଲ ହେଉଛନ୍ତି। ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ଅଧ୍ୟକ୍ଷା ନିବେଦିତା ଜେନା ନଗର ସଭାପତି ସୁଶାନ୍ତ ରାଉତ ଓ ବିଷ୍ଣୁ ଯେନା, ଶିବପ୍ରସାଦ ଯେନା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏମଡି ଇଜହାର, ଜିତେନ୍ଦ୍ର ଜେନା, ରାମଚନ୍ଦ୍ର ଜେନା, ସେକ ନଜିର, ମୀର ଖୁରସିଦ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ୩ ପଞ୍ଚାୟତରେ ବିଜେପିର ମିଶ୍ରଣପର୍ବ



**ତିହିଡ଼ି, ୨୩।୪(ସମିସ):** ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର, ତାଳପଦା ଓ ପାଳିଆବିନ୍ଧା ପଞ୍ଚାୟତର କିଛି ବ୍ୟକ୍ତି ବିଜେପିରେ ଯୋଗଦେଇଛନ୍ତି। ପାଳିଆବିନ୍ଧା ପଞ୍ଚାୟତରେ ଅକ୍ଷୟ ଦାସ, ବିଦ୍ୟାଧର ସେଠୀ ଓ ଅସିତ ନାୟକ ଯୋଗଦେଇଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ହେମନ୍ତ ବେହେରା, ମୃତ୍ୟୁଞ୍ଜୟ ବେହେରା, ଗୋପାଳ ବାରିକ, ଜଗବନ୍ଧୁ ବାରିକ, ସୁବାସ ବାରିକ, ଉମାକାନ୍ତ ଦାସ, ପୃଥିରାଜ ବାରିକ, ଗୟାଧର ଦାସ, ଧର୍ମେନ୍ଦ୍ର ବେହେରା, ସମୀର ବେହେରା, ଦେବଦତ୍ତ ଦାସ ଓ ସେମାନଙ୍କ ପରିବାର ସଦସ୍ୟ ବିଜେପିରେ ଯୋଗଦେଇଛନ୍ତି। ସେହିପରି ତାଳପଦା ପଞ୍ଚାୟତରେ ସୋମନାଥ ଶୁକ୍ଳ ମଧ୍ୟ ବିଜେପିରେ ମିଶିଥିବା ସୂଚନା ଦିଆଯାଇଛି। ମିଶ୍ରଣ ପର୍ବରେ ଦଳର ନବାଗତ ଅଜୟ ନାୟକ, ବରିଷ୍ଠ ନେତା ଉଷାକାନ୍ତ ନାୟକ, ପ୍ରମୋଦ ଦାସ, ଦେବେନ୍ଦ୍ର ପୁହାଣ, ଧାମନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବୁଦ୍ଧଦେବ ଜେନା, ମନୋଜ ଦାସ, ପ୍ରଶାନ୍ତ ପଲାଇ, ପୁଷ୍ପକାନ୍ତ ନାୟକ, ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।






## ବିଶ୍ୱ ପୁସ୍ତକ ଦିବସ ପାଳିତ




**ଭଣ୍ଡାରିପୋଖରୀ,୨୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନ ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ପୁସ୍ତକ ଦିବସ ସଭାପତି ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରବୀନ୍ଦ୍ର ନନ୍ଦ, ମୁଖ୍ୟବକ୍ତା ଭାବେ କବି ସନ୍ତୋଷ ସାହୁ, ସମ୍ମାନିତ ବକ୍ତା ଭାବେ କବି ଜଗନ୍ନାଥ ନାୟକ ଯୋଗଦେଇ ପୁସ୍ତକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ କାଳଜୟୀ ପୁସ୍ତକର ମହନୀୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାୟକ, ଘନଶ୍ୟାମ ସ୍ୱାଇଁ, ରବି ନାରାୟଣ ସ୍ୱାଇଁ, ସୁବ୍ରତ ଦାସ, ଜୟଦେବ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

## ବିଶିଷ୍ଟ ସମାଜସେବୀ ଗୋପୀନାଥ ଦାଶଙ୍କ ସ୍ମୃତିସଭା



**ଭଦ୍ରକ, ୨୩।୪(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣିଡିହି ଗୋବିନ୍ଦପୁର ଗାଁର ବିଶିଷ୍ଟ ସମାଜସେବୀ, ଦରଦୀ, ମଣିଷ ସ୍ୱର୍ଗତ ଗୋପୀନାଥ ଦାଶଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦାଶ କେବଳ ଜଣେ ଶାନ୍ତ, ସରଳ ମଣିଷ ନ ଥିଲେ ବରଂ ଜଣେ ସମାଜସେବୀ ଭାବେ କେବଳ ଗୋବିନ୍ଦପୁର ନୁହଁ ବାସୁଦେବପୁର ବ୍ଲକ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ। ଆଉ ବିଭିନ୍ନ ସାଂସ୍କୃତିକ, ଆଧ୍ୟାତ୍ମିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ସ୍ମୃତିଚାରଣ କରି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ପବିତ୍ର ବ୍ୟକ୍ତିତ୍ୱଙ୍କ ପବିତ୍ର ଅଶୋକାଷ୍ଟମୀ ଦିନ ୯୫ ବର୍ଷ ବୟସରେ ତାଙ୍କ ଗୋବିନ୍ଦପୁର ଗ୍ରାମ ବାସଭବନରେ ପରଲୋକ ଘଟିବା ସ୍ମରଣୀୟ ଘଟଣା ବୋଲି ବକ୍ତାମାନେ ସ୍ମୃତିସଭାରେ କହିବା ସହ ତାଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୌରହରି ଦାଶ, ମଝିଆ ପୁଅ 'ସକାଳ' ଅଳଙ୍କରଣ ବିଭାଗର ବରିଷ୍ଠ କର୍ମଚାରୀ ଭକ୍ତହରି ଦାଶ, ସାନପୁଅ ସଞ୍ଜୟ କୁମାର ଦାଶଙ୍କ ସମେତ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ । ସ୍ୱର୍ଗତ ଦାଶଙ୍କ ବିୟୋଗରେ ଭଦ୍ରକ ସାଂସଦ ତଥା ଲୋକସଭା ଆସନର ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶୋକ ପ୍ରକାଶ କରିବା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜିଲ୍ଲା ମୁଖ୍ୟ କାରାଗାରରେ ସଚେତନତା ଶିବିର

### ରୋଗମୁକ୍ତ କରେ ନିୟମିତ ଯୋଗ ଓ ବ୍ୟାୟାମ

**ଭଦ୍ରକ,୨୩।୪(ସମିସ):** ଜିଲ୍ଲା ମୁଖ୍ୟ କାରାଗାର ପରିସରରେ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ କର୍ମଶାଳା ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। କାରାଗାରର ୨୮୫ଜଣ ଅନ୍ତେବାସୀ ଉକ୍ତ କର୍ମଶାଳାରେ ଭାଗ ନେଇ ମାନସିକ ଚାପଗ୍ରସ୍ତ, ଅସୁସ୍ଥତା,



ଚିଡ଼ଚିଡାପଣ ଠାରୁ କିପରି ଦୂରେଇ ରହିବେ ତଥା ନିୟମିତ ବ୍ୟାୟାମ, ଯୋଗ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲା ମନବୈଜ୍ଞାନିକ ଚିକିତ୍ସକ ଡାକ୍ତର ଭାରତୀ ରାଉତ, ନିଦାନିକ ମନବୈଜ୍ଞାନିକ ଲୋନି ଲିୟୋନା ବେହେରା, ସମାଜିକ କର୍ମକର୍ତ୍ତା ଗୌରୀପ୍ରଭା ସିଂ, ଗୋଷ୍ଠୀ ସେବକ ଦେବେନ୍ଦ୍ର କୁମାର ନାୟକ, ବରିଷ୍ଠ ଫାର୍ମାସିଷ୍ଟ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଏହି କର୍ମଶାଳାରେ ଯୋଗ ଦେଇ ନିଜର ମତ ରଖିଥିଲେ। କାରାଗାର ମଧ୍ୟରେ ରହି ନିୟମିତ ଭାବରେ ଯୋଗ, ବ୍ୟାୟାମ, ମିଳାମିଶା, ବାକ୍ୟ ବିନିମୟ ଓ ଚାପଗ୍ରସ୍ତ ମାନସିକ, ମାନସିକ ଅସୁସ୍ଥତାରୁ କିପରି ମୁକ୍ତ ରହିପାରିବେ ତାହା ସୁନ୍ଦର ଅଭିନୟ ମାଧ୍ୟମରେ ସମସ୍ତ କାରାଗାର ଅନ୍ତେବାସୀଙ୍କୁ ଅବଗତ କରାଇ ସେମାନଙ୍କ ମନକୁ ଛୁଇଁ ପାରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାରାଗାର ଅଧିକ୍ଷକ ରଷିନାଥ ନାୟକ, ମୁଖ୍ୟ ପ୍ରତିପକ୍ଷ ଅଧିବକ୍ତା ନାରାୟଣ ବେହେରା, ସହକାରୀ ପ୍ରତିପକ୍ଷ ଅଧିବକ୍ତା ଡ.ତାପସ କୁମାର ମହାନ୍ତି, କାରାଗାରର ସମସ୍ତ କର୍ମଚାରୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭଦ୍ରକ ଜିଲ୍ଲାର ୨ ଭେଷଜ ନିରୀକ୍ଷକଙ୍କ ଦପ୍ତର ଅଚଳ

**ଭଦ୍ରକ,୨୩।୪(ସମିସ)**

ଭଦ୍ରକ ଜିଲ୍ଲାରେ ଥିବା ୨ଟି ଭେଷଜ ନିରୀକ୍ଷକ(୧ ଓ ୨)ଙ୍କ କାର୍ଯ୍ୟାଳୟ ଦୀର୍ଘଦିନ ହେବ କର୍ମଚାରୀ ଅଭାବ ଯୋଗୁଁ କେବଳ ସାଇନ୍‌ବୋର୍ଡରେ ଚାଲିଛି । ଦୀର୍ଘବର୍ଷ ହେବ ମାତ୍ର ଜଣେ ଭେଷଜ ନୀରିକ୍ଷକ(ଡ୍ରଗ୍ସ ଇନ୍ସପେକ୍ଟର), ୨ଜଣ ପିଅନ ଓ ଜଣେ ଅସ୍ଥାୟୀ ଡାଟା ଏଣ୍ଟ୍ରି ଅପରେଟରଙ୍କ ହାତରେ ଏହି ଗୁରୁତ୍ୱପୂର୍ଣ୍ଣ ଦପ୍ତର ଚାଲିଛି। ରାଜ୍ୟରେ ଏବେ ନକଲି ଔଷଧ କାରବାର ବଢ଼ିବାରେ ଲାଗିଛି। ବିଭିନ୍ନ ଜିଲ୍ଲାରେ ଏହି ନକଲି ମେଡିସିନ କାରବାର ପର୍ଦ୍ଦାଫାସ ହେଲାଣି । ଭିଟାମିନ୍-ଡିଠାରୁ ଆରମ୍ଭ କରି ଟେଲମା, କ୍ଲାଭାମ-୬୨୫ ଓ ୟୁରିମାକ୍ସ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ରୋଗ ରକ୍ଷାକାରୀ ଔଷଧର ଏବେ ନକଲି କାରବାର ସାମ୍ନାକୁ ଆସିଛି । ତେବେ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଭଦ୍ରକ ଜିଲ୍ଲାବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ପ୍ରମୁଖ କାରଣ ଜିଲ୍ଲାରେ ସ୍ଥାଣୁ ପାଲଟିଛି ଭେଷଜ ନିରୀକ୍ଷକଙ୍କ ଦପ୍ତର ।




- ଜଣେ ନୀରିକ୍ଷକ, ଜଣେ ଡାଟାଏଣ୍ଟ୍ରି ଅପରେଟର ଓ ଦୁଇ ପିଅନରେ ଚାଲିଛି
- ବର୍ଷବର୍ଷ ହେବ ମେଡିସିନ୍ ଦୋକାନରେ ହେଉନି ଯାଞ୍ଚ

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବେ ପାଖାପାଖି ୧୧ଶହରୁ ଅଧିକ ମେଡିସିନ୍ ରିଟେଲର ଓ ହୋଲସେଲ ପଏଣ୍ଟ ରହିଛି। ଏହି ସବୁ ଦୋକାନମାନଙ୍କରେ ନକଲି ମେଡିସିନ ଓ ଏକ୍ସପାୟରି ମେଡିସିନ କାରବାର ଠାବ କରିବାକୁ ନିୟମିତ ଯାଞ୍ଚର ଆବଶ୍ୟକତା ରହିଛି । କାରଣ ଜିଏସ୍‌ଟି ପ୍ରଚଳନ ପରେ ରାଜ୍ୟ ବାହାର ବ୍ୟବସାୟୀଙ୍କ ଠାରୁ ସିଧା ସଳଖ ମେଡିସିନ ବ୍ୟବସାୟୀମାନେ ସେମାନଙ୍କ ଚାହିଦା ମୁତାବକ ଔଷଧ ଆଣି ବ୍ୟବସାୟ କରୁଛନ୍ତି । ଏଭଳି ପରିସ୍ଥିତିରେ ନକଲି ଔଷଧ କାରବାର ରୋକିବାକୁ ଓ ଲୋକଙ୍କ ଜୀବନ ବଞ୍ଚାଇବଇବାକୁ ଭେଷଜ ବା ଡ୍ରଗ୍ସ କାର୍ଯ୍ୟାଳୟ ପକ୍ଷରୁ ନିୟମିତ ଚଢ଼ଉ, ଯାଞ୍ଚର ଆବଶ୍ୟକତା ରହିଛି । ହେଲେ ଆଶ୍ଚର୍ଯ୍ୟର କଥା, ଏହି ଯାଞ୍ଚ ସଠିକ୍ ଭାବେ ହେଉନି । ସୀମିତ ସମ୍ବଳରେ ଚାଲିଥିବା ଭେଷଜ ନିରୀକ୍ଷକ ବା ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟଟି ସହରର ଚରମ୍ପା ଅଂଚଳରେ ଏକ ଭଡାଘରେ ଦୀର୍ଘ ୨୬ବର୍ଷ ହେବ ଚାଲିଛି। ଡ୍ରଗ୍ସ ଇନ୍ସପେକ୍ଟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଭାବେ ବିଭାଜିତ ହୋଇ ୨ଟି କାର୍ଯ୍ୟାଳୟ ଗୋଟିଏ କ୍ୟାମ୍ପସରେ ଚାଲିଛି। ତେବେ ୨ଜଣ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ବଦଳରେ ଜଣେ ଇନ୍ସପେକ୍ଟର ୨ଟି ପଦ ମୁଣ୍ଡାଇଛନ୍ତି ।

ଡ୍ରଗ୍ସ ଇନ୍ସପେକ୍ଟର-୧ ବା ସହରାଞ୍ଚଳ ଦାୟିତ୍ୱରେ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ଦପ୍ତରରେ ମାତ୍ର ଜଣେ ସ୍ଥାୟୀ ପିଅନ ରହିଥିବାବେଳେ ଜଣେ ମାତ୍ର ଡାଟାଏଣ୍ଟ୍ରି ଅପରେଟର ଅଛନ୍ତି । ଆଉ ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟର-୨ ବା ଗ୍ରାମାଞ୍ଚଳରେ କେହି ହେଲେ ନୀରିକ୍ଷକ ଓ କର୍ମଚାରୀ ନାହାନ୍ତି । ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଏକମାତ୍ର ଇନ୍ସପେକ୍ଟର ମୁଣ୍ଡାଇଛନ୍ତି । ଜିଲ୍ଲାର ସହରାଞ୍ଚଳ ଭେଷଜ ନିରୀକ୍ଷକଙ୍କ ଅଧୀନରେ ରହିଛି-ଭଦ୍ରକ ଟାଉନ ସମେତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ କଷିଆ ମେରାଇନ୍ ଥାନାଞ୍ଚଳ ଅଧୀନସ୍ଥ ମେଡିସିନ ଦୋକାନ ଓ ହୋଲସେଲ ପଏଣ୍ଟ। ସେହିଭଳି ଭେଷଜ ନିରୀକ୍ଷକ-୨ ବା ଗ୍ରାମାଞ୍ଚଳ ଅଧୀନରେ ରହିଛି-ଆଗରପଡା, ଭଦ୍ରକ ଗ୍ରାମାଞ୍ଚଳ, ଧୂଷୁରୀ, ତିହିଡି, ପୁରୁଣାବଜାର, ବାସୁଦେବପୁର, ନାୟକାଣିଡିହୀ, ବାଂଶଡା, ଧାମରା ଆଦି ଥାନା ଅଧୀନସ୍ଥ ମେଡିସିନ ଦୋକାନ ଓ ହୋଲସେଲ ପଏଣ୍ଟ। ଥାନାୱାରୀ ଅଞ୍ଚଳ ଭାଗ କରାଯାଇଥିବା ବେଳେ ଜଣେ ମାତ୍ର ଡ୍ରଗ୍ସ ଇନ୍ସପେକ୍ଟର ସବୁ ଅଞ୍ଚଳରେ ନିୟମିତ ଯାଞ୍ଚ କରିବା ମୁସ୍କିଲ । କର୍ମଚାରୀ ନ ଥିବା ଓ ନିଜସ୍ୱ ଗାଡି ନ ଥିବାରୁ ଯାଞ୍ଚ କାର୍ଯ୍ୟ ଜିଲ୍ଲାରେ ନାହିଁ କହିଲେ ଚଳେ । କେବଳ ଅବକାରୀ ବିଭାଗ ସହ ଭେଷଜ ନିରୀକ୍ଷକ ମିଳିତଭାବେ ମେଡିସିନ ଦୋକାନ ଗୁଡିକରୁ ମୃତ ସଞ୍ଜିବନୀ ସୁରା ଆଦିକୁ ଜବତ କରୁଛନ୍ତି । ହେଲେ ନକଲି ଔଷଧ ଯାଞ୍ଚ, ଫାର୍ମାସିଷ୍ଟ ଲାଇସେନ୍ସ ଯାଞ୍ଚ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରି ନାହାନ୍ତି । ଅନ୍ୟପକ୍ଷରେ କର୍ମଚାରୀ ଓ ଗାଡି ଅଭାବରୁ ଏକ ପ୍ରକାର ଅଚଳ ହୋଇପଡିଥିବା ଭଦ୍ରକ ଭେଷଜ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସୁଯୋଗ ନେଇ ବହୁ ନର୍ସିଂହୋମ, ଡାକ୍ତରଙ୍କ କ୍ଲିନିକରେ ମେଡିସିନ ଦୋକାନ, ଚାଲିଥିବା ବେଳେ ବେଆଇନ୍‌ଭାବେ ସରକାରୀ ଜମିରେ ଦୀର୍ଘବର୍ଷ ହେବ ଚାଲିଛି । ଅନେକ ବିନା ଲାଇସେନ୍ସରେ ବି ଔଷଧ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ଏହାଛଡ଼ା ହୋଲସେଲ୍ ପଏଣ୍ଟରେ ଆଦୌ ଯାଞ୍ଚଓ ସାମ୍ପୁଲ ଟେଷ୍ଟ ହେଉନଥିବାରୁ ନକଲି ଔଷଧ କାରବାର ନେଇ ଜିଲ୍ଲାବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏ ଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚୁନିଦା ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର

**ଅସୁରାଳି,୨୩।୪(ସମିସ)**

ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରାର୍ଥୀମାନଙ୍କର ପ୍ରଚାର ଜୋର୍ ଧରିବାରେ ଲାଗିଛି। ସବୁ ପ୍ରାର୍ଥୀ ଏବେ ଗାଁ, ପଞ୍ଚାୟତ ବୁଲି ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ବିଧାନସଭା ଆସନ ଲାଗି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଲେଇ ପଞ୍ଚାୟତର ଚୁନିଦା ମଙ୍ଗଳାପଦା ଡିଅ ସାହିଠାରେ ପ୍ରଚାର କରିବା ସହ ଅଷ୍ଟପ୍ରହରୀ ନାମ କୀର୍ତ୍ତନରେ ଯୋଗଦେଇ ଥିଲେ। ଏହାଛଡ଼ା ଚୁନିଦାସ୍ଥିତ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ମନ୍ଦିରର ପରିଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ପଞ୍ଚାୟତର ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କୁ ଭେଟି ଆଲୋଚନା କରିଥିଲେ । ପ୍ରାର୍ଥୀ ଶ୍ରୀ ସାମଲଙ୍କ ସହିତ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, କଲେଇ ସରପଞ୍ଚ ନିରଞ୍ଜନ ମଲ୍ଲିକ, ସମିତିସଭ୍ୟା ଅହଲ୍ୟା ମଲ୍ଲିକ, ଯୁବ ବିଜେଡି ନେତା ତାପସ କୁମାର ରାୟ, ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରା, ଯୁବନେତା ସୁନୀଲ ଲେଙ୍କା, ଜ୍ୟୋସ୍ନାମଞ୍ଜରୀ ରାଉତଙ୍କ ସମେତ ସ୍ଥାନୀୟ ନେତୃତ୍ୱ ତଥା ପଞ୍ଚାୟତର ବରିଷ୍ଠ ଓ ଯୁବ ନେତୃମଣ୍ଡଳୀ ଉପସ୍ଥିତ ରହି କିପରି ଆଗାମୀ ନିର୍ବାଚନରେ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ ।



## ବରାଙ୍ଗରେ ଶ୍ରୀରାମ ନବମୀ ମହୋତ୍ସବ

**ଭଦ୍ରକ,୨୩।୪(ସମିସ):** ଭଦ୍ରକ ବ୍ଲକ ଅଧୀନସ୍ଥ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ବରାଙ୍ଗ ଗ୍ରାମରେ ମଙ୍ଗଳବାର ଶ୍ରୀରାମ ନବମୀ ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ ହେଉଛି। ଏହି ଗ୍ରାମରେ ପ୍ରଭୁ ଶ୍ରୀରାମଙ୍କର ଅଭିଷେକ ଉତ୍ସବ ଏବର୍ଷ ୧୦୩ ବର୍ଷରେ ପଦାର୍ପଣ କରିଛି। ଶ୍ରୀରାମ ନବମୀରୁ ଘଟ ପ୍ରତିଷ୍ଠା ପରେ ପ୍ରତ୍ୟହ ରାମ ଚରିତ ମାନସ, ଧାର୍ମିକ ଆଲୋଚନା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଯାତ୍ରା ପରିବେଷଣ ହୋଇଥାଏ। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ମେଢ଼ ଦର୍ଶନ, ରାମଚରିତ ମାନସ ଶ୍ରବଣ ଓ ପ୍ରସାଦ ସେବନ କରିଥାନ୍ତି।



ଚଳିତ ବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ପ୍ରତ୍ୟକ ଦିନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ନେଉଛନ୍ତି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ବରିଷ୍ଠ ନାଗରିକ ଦାମୋଦରବଳ ଘଟ ପ୍ରତିଷ୍ଠା ଓ ସଂକଳ୍ପ କରୁଛନ୍ତି। ମହେନ୍ଦ୍ର ନାୟକ ସଭାପତି, ତପନ ମଲ୍ଲିକ ସମ୍ପାଦକ ଭାବେ କାର୍ଯ୍ୟନିର୍ବାହ କରୁଥିବାବେଳେ ନିରଞ୍ଜନ ମଲ୍ଲିକ, ଉମାକାନ୍ତ ମଲ୍ଲିକ, ପ୍ରଫୁଲ୍ଲ ସ୍ୱାଇଁ, ଅଭିମନ୍ୟୁ ପଲାଇ, ହରେକୃଷ୍ଣ ପଲାଇ, ରତ୍ନାକର ମଲ୍ଲିକ, ହରିହର ସ୍ୱାଇଁ, ବୈରାଗୀ ମହାନ୍ତି, ସନାତନ ବଳ, ବାବାଜି ବାରିକ, ଦୟାନିଧି ବଳ, ସ୍ମୃତିରଞ୍ଜନ ବଳ, ଅଜୟ ପଲାଇ, ଦୋଳଗୋବିନ୍ଦ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ବାସୁଦେବପୁର ବିଜେଡିର ମାରାଥନ ନିର୍ବାଚନୀ ପ୍ରଚାର

**ବାସୁଦେବପୁର,୨୩।୪(ସମିସ):** ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ପ୍ରାର୍ଥୀ ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାସୁଦେବପୁର ବ୍ଲକର ପଦୁଆଁ ପଞ୍ଚାୟତର ୧୦ ନମ୍ବର ୱାର୍ଡରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଜିଲ୍ଲାପରିଷଦ ସଭ୍ୟ ଯଦୁନାଥ ନାୟକ,ଭାଗବତ ବାରିକ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ବିକାଶ ରଥକୁ ଆଗକୁ ନେବା ସହ ତାଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ପଦରେ ଅଭିସିକ୍ତ କରିବାକୁ ବିଜେଡିକୁ ଅଧିକରୁ ଅଧିକ ଜନସମର୍ଥନ ଦେବାକୁ ବିଧାୟକ ଶ୍ରୀରାଉତରାୟ ଅନୁରୋଧ କରିଥିଲେ। ଅପରାହ୍ନରେ ବାସୁଦେବପୁର ପୌରପାଳିକାର ୧ ନମ୍ବର ୱାର୍ଡରେ ରାଧାକାନ୍ତପୁର ଆଡିଆରେ, ଶୁରେଶ୍ୱରପୁର ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ପୌରାଧକ୍ଷା ନିବେଦିତା ବେହେରା, ଶୁଭେନ୍ଦୁ ଭୂଷଣ ବେହେରା,ବିଜେଡି ଟାଉନ ଯୁବ ସଭାପତି ମାନସ ରଞ୍ଜନ ସାହୁ, କାଉନସିଲର ଶୁଭେନ୍ଦୁ କୁମାର ପୃଷ୍ଟି,ସୁଚିସ୍ମିତା ଗିରି ପୌରପାଳିକାର ଉପାଧକ୍ଷ ଉତମ କୁମାର ବାରିକ ଯୋଗ ଦେଇ ବିକାଶର ରଥକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରଥରେ ସାରଥି ହେବାକୁ ଆହ୍ୱାନ ଦେଇଛନ୍ତି ।



# ଗୋପିନାଥପୁରରେ ବିଜେଡ଼ିର କର୍ମୀ ସମ୍ମିଳନୀ

### ବିଧାୟକ ପ୍ରାର୍ଥୀ ସଞ୍ଜୀବଙ୍କୁ ବିପୁଳ ସମ୍ବର୍ଦ୍ଧନା

**ବନ୍ତ/ଆଗରପଡ଼ା,୨୩।୪(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ନିର୍ବାଚନମଣଳୀ ଅନ୍ତର୍ଗତ ଆଗରପଡ଼ା ୧୪ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ଥିବା ୯ଟି ପଞ୍ଚାୟତ ମଧ୍ୟରୁ ମଙ୍ଗଳବାର ଗୋପିନାଥପୁର ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ୍ତବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ଯୁବନେତା ଟୁକୁ ଘଡ଼େଇ ପ୍ରମୁଖଙ୍କ ନେତୃତ୍ୱରେ ଆଗରପଡ଼ା ସାଳନ୍ଦୀନଦୀ ସେତୁ ନିକଟରୁ ଭଣ୍ଡାରିପୋଖରୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଭଦ୍ରକ ସାଂସଦ ପ୍ରାର୍ଥୀନୀ ମଞ୍ଜୁଲତା ମଣ୍ଡଳଙ୍କୁ ଏକ ବିଶାଳ ବାଇକ୍ ରାଲିରେ ନିଆଯାଇ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ କଲ୍ୟାଣମଣ୍ଡପ ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ସାଂସଦ ପ୍ରାର୍ଥୀନୀ ମଞ୍ଜୁଲତା ଓ ବିଧାୟକ ପ୍ରାର୍ଥୀ ସଞ୍ଜୀବ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନିତା ଦାସ,ବ୍ଲକ ସଂଯୋଜକ ତଥା ଯୁବ ସଭାପତି ସତ୍ୟସାଧନ ବେଜ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ସଭାପତି ବିପିନ ବିହାରୀ ନାୟକ ,ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା,ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବନେତା ଲାଲା ସ୍ୱାଇଁ, ସୁବାସ ଦାସ, ବନ୍ତ ପଞ୍ଚାୟତ ସମିତିସଭ୍ୟ ପରମେଶ୍ୱର ବାରିକ, ଶିକ୍ଷାବିତ୍ ପିତାମ୍ବର ପତି ପ୍ରମୁଖ ଉପସ୍ଥିତ ଥିଲେ।



## ବିପଦସଂକୁଳ ବିଦ୍ୟୁତ୍ ତାର

**ବାରିକପୁର,୨୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି ସ୍କୁଲ ନିକଟରେ ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ ତାର ଝୁଲି ରହିଛି। ଉକ୍ତ ଗ୍ରାମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ରହିଥିବା ବେଳେ ଏଲଟି ଲାଇନ୍ ଗୁଡିକ ଅବ୍ୟବସ୍ଥା ଭାବେ ରହିଛି। ସ୍କୁଲ ନିକଟ କେନାଲ ବନ୍ଧ ଉପରେ ପୁରୁଣା ଅଧା ଖୁଟଂ ସହିତ ଏଲିଟି ତାର ଯୋଡ଼ା ଯାଇଛି। ଏହି ଖୁଟଂରୁ ୩ଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ପରିତାପର ବିଷୟ ଟ୍ରାନ୍ସଫର୍ମର ନିକଟରୁ ଖୁଣ୍ଟକୁ ଆସିଥିବା ତାର ଅନେକ ଦିନ ହେବ ଝୁଲି ରହିଛି। ଏପରିକି କେନାଲ ରାସ୍ତା ରୁ ତା'ର ର ଦୂରତା ମାତ୍ର ୫/୭ ଫୁଟ୍ ରହିଛି। ଗତ ୨୦ତାରିଖ ଦିନ ଉକ୍ତ ବିପଦ ସଂକୁଳ ତାର ଛିଣ୍ଡି ଯିବାରୁ ଜଣେ ବାଇକ୍ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି। ପୁରୁଣା ତାର ଓ ଖୁଣ୍ଟ ବଦଳାଇବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ବିଦ୍ୟୁତ୍ ସରବରାହ ସଂସ୍ଥା ଏହା ଉପରେ ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ଗାଁ ଲୋକଙ୍କ ସହିତ ସ୍କୁଲ ପିଲା ମାନେ ଦୈନନ୍ଦିନ ଏହି କେନାଲ ବନ୍ଧରେ ଯାତାୟାତ କରୁଥିବା ବେଳେ କେତେବେଳେ ଯେ ଦୁର୍ଘଟଣା ନଘଟିବ କିଏ କହିପାରିବ। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ନେବାରୁ କଣ ହୋଇଛି ଦେଖିବା ସହିତ ଯଥା ଶୀଘ୍ର ଏହାର ସ୍ଥାୟୀ ସମାଧାନ ହେବ ବୋଲି କହିଛନ୍ତି।



# ବେରୁଦାରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ

ଯାଜପୁର, ୨୩।୪(ସମିସ)



ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ପଞ୍ଚାୟତର ଆମ୍ବର ଗ୍ରାମର ହନୁମାନ ପଡ଼ିଆରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବିଜୁ ଜନତା ଦଳର ଯାଜପୁର ବ୍ଲକ ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀନୀ ସୁଜାତା ସାହୁ ଓ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବ ପ୍ରସାଦ ଦାସଙ୍କୁ ବେରୁଦକ୍ଷ ପଞ୍ଚାୟତର ସରପଞ୍ଚ ତାରାକାନ୍ତ ପଣ୍ଡା, ସମିତିସଭ୍ୟା କଳ୍ପନା ନାୟକ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରାର୍ଠଥନୀ ସୁଜାତା ସାହୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଯାଜପୁର ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଆୟୋଜିତ ସଭା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ଅମରେନ୍ଦ୍ର ମିଶ୍ର ସଭାରେ ଉପସ୍ଥିତ ଥିବା କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ବେରୁଦକ୍ଷ ପଞ୍ଚାୟତର ଭୌଗଳିକ ଅବସ୍ଥିତିକୁ ବର୍ଣ୍ଣନା କରିବାକୁ ଯାଇ ଏହି ପଞ୍ଚାୟତକୁ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱର୍ଗତ ଅଶୋକ ଦାସଙ୍କ ପରିବାରର ଏ ଅଞ୍ଚଳରେ ଉପସ୍ଥିତି ସହ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ପ୍ରକାଶ ତ୍ରିପାଠୀ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ଆମ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବହୁତ୍ ପରିବର୍ତ୍ତନ ହୋଇଥିବା ବେଳେ ତାଙ୍କ ଦ୍ୱାରା ମନୋନୀତ ବିଧାୟକ ପ୍ରାର୍ଥୀନୀ ସୁଜାତା ସାହୁ ଓ ଲୋକ ସଭା ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ସହ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଭାରତବର୍ଷରେ ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ।

ଯାଜପୁର ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ କର୍ମି ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତଙ୍କୁ ସୁଜାତା ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ। ଯୁବନେତା ଅଜୟ ମହାନ୍ତି ସମ୍ମିଳନୀରେ ଉପସ୍ଥିତ ଥିବା ଯୁବକ ଓ ମା' ମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଧାୟକ ପ୍ରାର୍ଠଥନୀ ସୁଜାତା ସାହୁ ଓ ଲୋକସଭା ପ୍ରାର୍ଠଥନୀ ଶର୍ମିଷ୍ଠା ସେଠୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବାକୁ ନିବେଦନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଭବ ପ୍ରସାଦ ଦାସ ଯୋଗଦେଇ ଯାଜପୁରର ସମ୍ମାନ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀନୀ ସୁଜାତା ସାହୁ ଓ ଲୋକସଭା ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଯାଜପୁର ବିଧାୟକ ପ୍ରାର୍ଠଥନୀ ସୁଜାତା ସାହୁ ଉପସ୍ଥିତ ଥିବା ସମସ୍ତଙ୍କୁ ନିବେଦନ ପୂର୍ବକ ଶଙ୍ଖ ଚିହ୍ନରେ ଶତପ୍ରତିଶତ ଭୋଟ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣ ଲତା ପରିଡ଼ା, ସରସ୍ୱତୀ ବଳ, କୈଳାସ ସାହୁ, ମହେନ୍ଦ୍ର ନାୟକ, ସତ୍ୟଜିତ ମହାପାତ୍ର, କିଶୋର ମହାପାତ୍ର, ପ୍ରଦୀପ୍ତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପଞ୍ଚାୟତ ସଭାପତି ସନ୍ତୋଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଞ୍ଝାରପୁର ବିଜେପିକୁ ବଡ଼ ଝଟ୍‌କା

# ପ୍ରମିଳାଙ୍କ ନେତୃତ୍ୱରେ ବିଜେଡିକୁ ଫେରିଲେ ଶତାଧିକ ବିଜେପି କର୍ମୀ

**ପ୍ରୀତିପୁର, ୨୩।୪(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଞ୍ଝାରପୁରରେ ଏଥର ତିନି ପ୍ରମୁଖ ରାଜନୈତିକ ଦଳ ନିଜର ରଣନୀତି ଦୃଢ କରୁଛନ୍ତି। ବିଞ୍ଝାରପୁର ବିଜେପି ପ୍ରାର୍ଥୀ ବବିତା ମଲ୍ଲିକ ଗତ ୧୫ ଦିନ ପୂର୍ବରୁ ବିଜେଡି ନେତ୍ରୀ ତଥା ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ନିଜ ପଞ୍ଚାୟତ ମାଁସଡାରୁ କିଛି ବିଜେଡି କର୍ମୀଙ୍କୁ ବିଜେପିରେ ସାମିଲ କରି ପ୍ରମିଳାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ବିଜେପି ଦଳର ସଂଗଠକମାନେ ସଂଗଠନ ସମ୍ଭାଳି ପାରୁନଥିବାରୁ ଆଜି ପୁଣି ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଛନ୍ତି। ମାତ୍ର ୧୫ ଦିନ ମଧ୍ୟରେ ବିଜେଡି ଛାଡି ବିଜେପିକୁ ଯାଇଥିବା କର୍ମୀ ମାନଙ୍କୁ ପ୍ରମିଳା ଦଳକୁ ଫେରାଇ ନିଜର ପତିଆରା ସାବ୍ୟସ୍ତ କରିଥିବା ବେଳେ ବିଜେଡି ଛାଡି ବିଜେପିକୁ ଆସୁଥିବା କର୍ମୀ ମାନଙ୍କୁ ବିଜେପି ସଂଗଠନ ସମ୍ଭାଳି ପାରୁନଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସୂଚନା ଥାଉ ମାଁସଡା ଗୌଡସାହି ଅଞ୍ଚଳର ବିଜେଡି ସମର୍ଥକ ଅକ୍ଷୟ କୁମାର ବେହେରା, ପ୍ରଦୀପ ସ୍ୱାଇଁ, ପ୍ରମୋଦ ସେଠୀ, ନିରଞ୍ଜନ ନାଥ, ଅକ୍ଷୟ ଜେନା, ଶିବ ପ୍ରସାଦ ମିଶ୍ର, ବିଶ୍ୱଜିତ୍ ବେଉରିଆ, ଗୋବିନ୍ଦ ସାହୁ, ରଞ୍ଜିତ୍ ଜେନା, ବାବୁଲି ଜେନା, ବ୍ରଜ କିଶୋର ପଣ୍ଡା, ଅଜୟ ବେହେରା, ଅକ୍ଷୟ ସାହୁ, ବବୁଲ ମିଶ୍ର, ବାଦଲ ବେହେରା, ଶ୍ରୀଧର ଦାସ, ପ୍ରମୁଖ ବିଜେଡି ଛାଡି ବିଜେପିରେ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଯୋଗଦେଇଥିଲେ। ମାତ୍ର ପ୍ରମିଳା ମଲ୍ଲିକ ଆଜି ପୁଣି ସେମାନଙ୍କୁ ଦଳକୁ ଫେରାଇ ଆଣିବାରେ ସମର୍ଥ ହୋଇଛନ୍ତି। ପ୍ରମିଳାଙ୍କ ବାସଭବନରେ ସନ୍ଧ୍ୟାରେ ଅକ୍ଷୟ ବେହେରାଙ୍କ ସମେତ ସମସ୍ତ କର୍ମୀ ପହଞ୍ଚି ବିଧିବଦ୍ଧ ଭାବେ ବିଜେଡି ରେ ଯୋଗଦେଇ ଥିଲେ।

# ବଦଳିଲେ ବିବାଦୀୟ ନେଉଳପୁର ରାଜସ୍ୱ ନିରୀକ୍ଷକ

**ଧର୍ମଶାଳା, ୨୩।୪(ସମିସ):** ଧର୍ମଶାଳା ତହସିଲ ଅଧିନସ୍ଥ ନେଉଳପୁର ରାଜସ୍ୱ ନିରୀକ୍ଷକଙ୍କ ବଦଳି ହୋଇଥିବା ଜଣାଯାଇଛି। ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀଙ୍କୁ ବଡ କାଏମା ରାଜସ୍ୱ ସର୍କଲକୁ ବଦଳି କରାଯାଇଛି।

ସୂଚନା ଥାଉ କି, ନେଉଳପୁର ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀଙ୍କ ନାମରେ ସ୍ଥାନୀୟ ଗ୍ରାମବାସୀ ଚଳିତ ମାସ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚ ଅଧିକାରୀ ନିକଟରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ସଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, ବିଭିନ୍ନ ପ୍ରମାଣ ପତ୍ରର ତଦନ୍ତ ରିପୋର୍ଟ ଦେବାରେ ହେଳା କରିବା ସହ ଅର୍ଥ ଦାବି କରିବା ଆଦି ଅଭିଯୋଗ ରହିଥିଲା। ଯାହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ଜାତିଗତ, ରୋଜଗାର ଓ ବାସିନ୍ଦା ଆଦି ପ୍ରମାଣ ପତ୍ର ପାଇବାରେ ବିଳମ୍ବ ଯୋଗୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଆସୁଥିଲେ। ଲିଗାଲ ହେୟାର ପ୍ରମାଣ ପତ୍ର ନମିଳିବା ଓ ଜମି କିସମ ପରିବର୍ତ୍ତନ ଆଦି କାର୍ଯ୍ୟ ସଠିକ୍ ସମୟରେ ହେଉ ନଥିଲା। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ତହସିଲଦାର ନିକଟରେ ଅଭିଯୋଗ କରି ଆସୁଥିଲେ। ହେଲେ କୌଣସି ସୁଫଳ ପାଇପାରୁ ନଥିଲେ। ଏ ସମ୍ପର୍କରେ ଆଜି ସକାଳରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ତହସିଲଦାର ଏହି ବିବାଦୀୟ ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସର୍କଲ ପରିବର୍ତ୍ତନ କରିଥିବା ଜଣାଯାଇଛି। ଯାହା ଦ୍ୱାରା ଅନ୍ୟ ତିନି ଜଣ ରାଜସ୍ୱ ନିରୀକ୍ଷକଙ୍କ ସର୍କଲ ମଧ୍ୟ ପରିବର୍ତ୍ତନ ହୋଇଛି। ନେଉଳପୁର ରାଜସ୍ୱ ସର୍କଲକୁ ନାକପୋଲ ରାଜସ୍ୱ ନିରୀକ୍ଷକ କ୍ଷୀରାବ୍ଧି ତନୟା ପଣ୍ଡାଙ୍କୁ ବଦଳି କରାଯାଇଛି। ସେହିପରି ବଡ କାଏମା ରାଜସ୍ୱ ନିରୀକ୍ଷକ ସନ୍ଦୀପ ମହାନ୍ତିଙ୍କୁ ବଳରାମପୁର ୨ ଓ ବଳରାମପୁର ୨ର ରାଜସ୍ୱ ନିରୀକ୍ଷକ ସୁନିଲ ନାୟକଙ୍କୁ ନାକପୋଲ ସର୍କଲକୁ ବଦଳି କରାଯାଇଥିବା ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ତେଜ ହୋଣ୍ଡା ୪ର୍ଥ କଳିଙ୍ଗନଗର ପ୍ରିମିୟର୍ ଲିଗ୍

# ରାମେଶ୍ୱର ଫାଇଟର୍ସ ଚାମ୍ପିଅନ



**ବ୍ୟାସନଗର, ୨୩।୪(ସମିସ):** କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀ ଆନୁକୂଲ୍ୟରେ ତେଜ୍‌ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ସର୍ବଭାରତୀୟ କଳିଙ୍ଗନଗର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମ.ଏମ.ସି.ସି ସମ୍ବଲପୁରକୁ ହରାଇ ରାମେଶ୍ୱର ଫାଇଟର୍ସ ୨୦୨୪ ବର୍ଷ ପାଇଁ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ଟସ୍‌ରେ ବିଜୟୀ ହୋଇ ଏମ.ମସିସି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୧୦ ରନ୍ କରିଥିଲେ। ଜବାବରେ ରାମେଶ୍ୱର ଫାଇଟର୍ସ ମାତ୍ର ୧୬ ଓଭରରେ ୫ ଉଇକେଟ ହରାଇ ୧୧୧ ରନ୍ କରି ବିଜୟୀ ହୋଇଥିଲେ। ଦଳ ତରଫରୁ କାର୍ତ୍ତିକ ବିଶ୍ୱାଳ ୩୬ ଓ ଶ୍ରେଷ୍ଠା ୧୯ ରନ୍ କରିଥିଲେ। ଏମ.ଏମ. ସି.ସିର ମନୋଜ ବାରିକ ୩ଟି ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ୫ ଉଇକେଟରେ ରାମେଶ୍ୱର ଫାଇଟର୍ସ ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀର କାର୍ଯ୍ୟକାରୀ ସଭାପତି ଆଲୋକ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ନଟରାଜ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରବିନାରାୟଣ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଇଏସଆରର ପ୍ରୋଜେକ୍ଟ ଡାଇରେକ୍ଟର ଏମ.ସି.ରଥ ଯୋଗଦେଇଥିବାବେଳେ କେ.ପି.ଏଲ ସଂଯୋଜକ ନିରଞ୍ଜନ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ତେଜ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ରାକେଶ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟ ଖେଳାଳୀ ଜନାର୍ଦ୍ଦନ ରାଉତ, ବ୍ରଜାନନ୍ଦ ମହାନ୍ତି, ଲକ୍ଷ୍ମୀଧର ରାଉତ, ଏସ.କେ ଇବ୍ରାର ଓ ମନୋଜ ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମାନସ ଆଇଚ, ଚାନ୍ଦମା, ସତ୍ୟଜିତ ପରିଡ଼ା, ଦୁର୍ଗା ୱାରିୟର୍ସ, ଆଲୋକ ମହାନ୍ତି, ପ୍ରଶାନ୍ତି ଚ୍ୟାଲେର୍ସ, କଳିଙ୍ଗ ପହି, ବ୍ୟାସ ଟାଇଗର୍ସ, ପ୍ରଦୀପ ସାହୁ, ରାମେଶ୍ୱର ଫାଇଟର୍ସ, ଆଶିଷ ପାଣି, ଏ.ବି ୟୁନିକର୍ଣ୍ଣ, ରିକନ ମହାନ୍ତି, ଏମ ଏମ ସି ସି, ସମ୍ବଲପୁର, ଜୟନ୍ତ ରାଉତ, ଡୁବୁରୀ ଫାଇଟର୍ସ ଓ ନଶିମ ମହମ୍ମଦଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚାମ୍ପିୟାନ ଦଳଙ୍କୁ ଟ୍ରଫି ସହ ୨ ଲକ୍ଷ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ ଅସିତ୍ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିଲେ।

## ରକ୍ତରଞ୍ଜିତ ହେଲା ଶଙ୍ଖଚିଲାର ମା' ହିଙ୍ଗୁଳା ପୀଠ

# କଳସ ଶୋଭାଯାତ୍ରାରେ ଗଣ୍ଡଗୋଳ; ୩ ଲହୁଲୁହାଣ

**ବ୍ୟାସନଗର/ଶଙ୍ଖଚିଲ, ୨୩।୪(ସମିସ):** ଶଙ୍ଖଚିଲାବାସିନୀ ମା' ହିଙ୍ଗୁଳାଙ୍କ ପୂଜା ଆରମ୍ଭ ହୋଇଛି। ରାତି ପ୍ରାୟ ୯ ଟାରେ ଆରମ୍ଭ ହୋଇଛି ମା'ଙ୍କ ଶୁଭାଧିବାସ ଏବଂ ଏହାପରେ ଆରମ୍ଭ ହୋଇଥିଲା କଳସ ଶୋଭାଯାତ୍ରା। କଳସ ଶୋଭାଯାତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହେବା ସହିତ ସଂକୀର୍ତ୍ତନ, ସିଂଘବାଜା ଏବଂ ବାଡିଖେଳ ସମେତ ବିଭିନ୍ନ ପାରମ୍ପରିକ ବାଦ୍ୟର ଶୋଭାଯାତ୍ରାରେ ମା'ଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଏହି କଳସ ଶୋଭାଯାତ୍ରାରେ ଶାନ୍ତିପୂର୍ଣ୍ଣ ଅଞ୍ଚଳ ମା ହିଙ୍ଗୁଳା ପୀଠ ରକ୍ତରଞ୍ଜିତ ହୋଇଥିବା ଦେଖିବାକୁ ମିଳିଛି। ଏକ ଆଧ୍ୟାତ୍ମିକ ପରିବେଶରେ ମା'ଙ୍କ ପୀଠରୁ ଲକ୍ଷ୍ମୀନାରାୟଣ ପୁଷ୍କରିଣୀକୁ କଳସ ବୁଡାଇ ଯିବା ରାସ୍ତାରେ ଶଙ୍ଖଚିଲା ହାଟ ଉପରେ ଥିବା ମା' ଦୁର୍ଗାଙ୍କ ମନ୍ଦିର ସମ୍ମୁଖରେ ନିକଟସ୍ଥ ଖମଣ ପଞ୍ଚାୟତର ଠାକୁରପାଟଣାର ବାଡିଖେଳ ଦଳ ଏବଂ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମର ବାଡି ଖେଳ ଦଳ ମଧ୍ୟରେ ସଂଘର୍ଷ ଘଟିଥିଲା। ଶୋଭାଯାତ୍ରାରେ ମାଇକ ବଜାଇବାକୁ ନେଇ ଗଣ୍ଡୋଗଳର ସୂତ୍ରପାତ ହୋଇ କ୍ରମଶଃ ଉଗ୍ର ରୂପ ଧାରଣ କରିଥିଲା। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମରଣାନ୍ତକ ସଂଘର୍ଷ ଫଳରେ ଶୋଭାଯାତ୍ରା ରଣକ୍ଷେତ୍ର ପାଲଟିଥିଲା। ଏହି ଘଟଣାରେ କୁରୁପଦା ଗ୍ରାମର ୩ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ପ୍ରଥମେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ କୁରୁପଦା-ଖଇରାବାଦ ବାଡିଖେଳ ଦଳ ପକ୍ଷରୁ ପାଣିକୋଇଲି ଥାନାରେ ଏକ ମାମଲା ହୋଇଛି। ଶୋଭାଯାତ୍ରାରେ ପୁଲିସ ମୁତୟନ ଥାଇ କିପରି ଏତେବଡ଼ ଅଘଟଣ ଘଟିଲା ଓ ସେତେବେଳେ ପୁଲିସ କ'ଣ କରୁଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୋଭାଯାତ୍ରାରେ ହଜାର ହଜାର ଲୋକେ ଯୋଗଦେବେ ବୋଲି ହିଙ୍ଗୁଳା କମିଟି ଅବଗତ ଥିଲେ ମଧ୍ୟ ଏନେଇ ଆବଶ୍ୟକ ସଂଖ୍ୟକ ସୁରକ୍ଷା ଅଧିକାରୀ ନିମନ୍ତେ ପାଣିକୋଇଲି





ଥାନାକୁ ସହଯୋଗ ମାଗିଥିଲେ କି ନାହିଁ ଆଲୋଚ୍ୟର ବିଷୟ। ଅନ୍ୟପକ୍ଷରେ ଘଟଣାର ଅଗ୍ରଗତି ଜାଣିବା ନିମନ୍ତେ ପାଣିକୋଇଲି ଥାନାଧିକାରିଣୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ମଙ୍ଗଳପୁର ପଞ୍ଚାୟତରେ ପାନୀୟଜଳ ସମସ୍ୟା

# ସାତ ଦିନରେ ସମାଧାନ ନହେଲେ ଜିଲ୍ଲାପାଳଙ୍କ ଅଫିସ ଘେରଉ

**ମଙ୍ଗଳପୁର, ୨୩।୪(ସମିସ):** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢୁଥିବାବେଳେ ବିଭିନ୍ନ ସ୍ଥାନରେ ପାନୀୟଜଳ ସମସ୍ୟା ଦେଖିବାକୁ ମିଳିଛି। ସେହିପରି ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥ ମଙ୍ଗଳପୁର ଗାଁର ୯ ନମ୍ବର ୱାର୍ଡରେ ପାନୀୟଜଳ ସମସ୍ୟା ଦେଖାଦେଇଥିବା ବେଳେ ଏହାକୁ ନେଇ ଗ୍ରାମର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଗ୍ରାମରେ ପ୍ରାୟ ୩୦ ଘର ବସବାସ କରୁଥିବାବେଳେ ପାନୀୟଜଳ ନିମନ୍ତେ ଏକମାତ୍ର ନଳକୂପ ରହିଛି। ଯେଉଁ ନଳକୂପରୁ ଅଧିକାଂଶ ସମୟରେ ଗୋଳିଆ ପାଣି ବାହାରୁଥିବା ମହିଳା ମାନେ ଅଭିଯୋଗ କରିଛନ୍ତି। ଗ୍ରାମଠାରୁ ମାତ୍ର ୫ଶହ ମିଟର ଦୂରତାରେ ଓ ଅନ୍ୟ ଏକ ଗ୍ରାମଠାରୁ ପ୍ରାୟ ୧କିମି ଦୂରତାରେ ଦୁଇ ଦୁଇଟି ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ବସାଯାଇଥିବା ବେଳେ ୯ ନମ୍ବର ୱାର୍ଡର ଜନସାଧାରଣ ସ୍ୱଚ୍ଛ ପାନୀୟଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହେବା ଘଟଣା ଏବେ ପ୍ରଶାସନ ତଥା ଠିକାଦାରଙ୍କର ମନମୁଖୀ କାର୍ଯ୍ୟକୁ ପଦାରେ ପକାଇଛି। ଗ୍ରାମକୁ ଲାଗି ଦୁଇ ଦୁଇଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ୯ନମ୍ବର ୱାର୍ଡକୁ ଆଜି ପର୍ଯ୍ୟନ୍ତ କେଉଁ କାରଣରୁ ପାନୀୟଜଳ ଯୋଗେଇଦେବାରେ ବ୍ଲକ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଏହାର ପ୍ରତିବାଦରେ ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ଗ୍ରାମକୁ ପାନୀୟଜଳ ଯୋଗେଇ ଦିଆ ନଗଲେ ଗ୍ରାମବାସୀ ବାଧ୍ୟ ହୋଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗ୍ରାମବାସୀମାନଙ୍କ ପକ୍ଷରୁ ଚନ୍ଦନ ଥାଟୋଇ, ଦୀପକ ପଲେଇ, ମାନସ କୁମାର ପାଲ, ଦେବାଶିଷ ପଣ୍ଡା, ନବକିଶୋର ପାଲ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଗାଡ଼ିଯାଞ୍ଚ୍



**ଟମକା, ୨୩।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ କରିବା ଲକ୍ଷ୍ୟରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଗାଡିଯାଞ୍ଚ ହେଉଥିବାବେଳେ ଦାନଗଦୀ ବ୍ଲକର ନିର୍ବାଚନ ଅଧିକାରିଣୀ ବନିତା ଜେନାଙ୍କ ନେତୃତ୍ୱରେ ଟମକା ଥାନା ଅନ୍ତର୍ଗତ ଜନିନ୍ଦାପାଳ ଛକ ଓ ସ୍ଥାନୀୟ ଟମକା ଛକରେ ୪ଚକିଆ ଗାଡିଯାଞ୍ଚ କରିଥିଲେ। ଗାଡିରେ ବେନିୟମ ସୁନା, ଟଙ୍କା ଓ ଆଲକୋହଲ ସନ୍ଦେହରେ ଯାଞ୍ଚ କରାଯାଇଥିବା ନିର୍ବାଚନ ଅଧିକାରୀଣୀ ସୂଚନା ଦେଇଛନ୍ତି। ଟମକା ଥାନାର ଏସ୍‌ଆଇ ଫିରୋଜ ଇକ୍କା ନିର୍ବାଚନର ସୁରକ୍ଷାକର୍ମୀଙ୍କ ସହଯୋଗରେ ଏହି ଯାଞ୍ଚ କାର୍ଯ୍ୟ ଚାଲିଛି।

# ୫୩ନଂ ଜାତୀୟ ରାଜପଥ କଡ଼ରେ ଜଳିଲା ଟ୍ରକ୍



**ସୁକିନ୍ଦା, ୨୩।୪(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଡୁବୁରୀ ରାସ୍ତାର ସୁକିନ୍ଦା ସତସଙ୍ଗ ବିହାର ସମ୍ମୁଖରେ ଏକ ଟ୍ରକରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ନିକଟସ୍ଥ ଏକ ଗ୍ୟାରେଜରେ ଗାଡ଼ିଟି ଗତ ୭ଦିନ ହେବ ରହି କାମ ହେଉଥିଲା। ସୋମବାର ସନ୍ଧ୍ୟାରେ ଗାଡ଼ିର କାମ ସରିବା ପରେ ଗାଡ଼ି ମାଲିକ ଓ ଗ୍ୟାରେଜ ମାଲିକ ଗାଡ଼ି ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ ସେହି ନିକଟରେ ଥିବା ଅନ୍ୟ ଏକ ଗାଡ଼ିର ଡ୍ରାଇଭର ଗ୍ୟାରେଜ ମାଲିକଙ୍କୁ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ବେଳକୁ ସମ୍ପୃକ୍ତ ୧୪ଚକିଆ ଟ୍ରକ ବ୍ୟାପକ କ୍ଷତି ହୋଇଥିଲା। ଟ୍ରକର ମାଲିକ ମହମ୍ମଦ ଅକ୍ତର କୁରେଶି ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆରମ୍ଭ ହେଲା ପ୍ରସିଦ୍ଧ ଶଙ୍ଖଚିଲା ହିଙ୍ଗୁଳା ଯାତ୍ରା

# କଳସ ଶୋଭାଯାତ୍ରାରେ ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ବ୍ୟାସନଗର/ଶଙ୍ଖଚିଲା, ୨୩।୪(ସମିସ)



ପ୍ରତିବର୍ଷ ପରି ଚଳିତ ବର୍ଷ ମାହାମାୟୀ ମା' ହିଙ୍ଗୁଳାଙ୍କ ୯୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୫୬ତମ ନାମଯଜ୍ଞ ବୈଶାଖ ମାସ ୯ଦିନ ଅର୍ଥାତ ଇଂରାଜୀ ଏପ୍ରିଲ ମାସ ୨୨ ତାରିଖରୁ ଆରମ୍ଭ ହୋଇହୋଇଛି। ଏପ୍ରିଲ ମାସ ୨୨ ତାରିଖ ବା ଗତ ସୋମବାର ମା'ଙ୍କ ଶୁଭାଧିବାସ କଳସ ଶୋଭାଯାତ୍ରା କରାଯାଇ ମା'ଙ୍କ ଘଟସ୍ଥାପନ କରାଯିବା ସହିତ ବିଧି ଅନୁଯାୟୀ ୨୨ ଜଣ ବେଦଜ୍ଞ ବ୍ରାହ୍ମଣ ପୂଜକଙ୍କ ସମେତ ଦେହୁରୀମାନେ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରଥିଲେ। ବ୍ୟାସନଗର ସହର ଉପକଣ୍ଠ କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲାର ଅଧିଷ୍ଠାତ୍ରୀ ମା' ହିଙ୍ଗୁଳାଙ୍କ କଳସ ଶୋଭାଯାତ୍ରା ଗତ ସୋମବାର ସରିଥିବା ବେଳେ ମଙ୍ଗଳବାର ଯଜ୍ଞୋତ୍ସବ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ସୋମବାର ଅର୍ଥାତ୍ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଶୁଭାଧିବାସ ପରେ ରାତ୍ର ପ୍ରାୟ ୯ଘଟିକା ସମୟରେ ଅନୁଷ୍ଠିତ ମା'ଙ୍କ କଳସ ଶୋଭାଯାତ୍ରା ମା'ଙ୍କ ପୀଠରୁ ବାହାରି ନିକଟସ୍ଥ ଲକ୍ଷ୍ମୀନାରାୟଣ ପୁଷ୍କରିଣୀରୁ ଜଳ ଅଣାଯାଇଥିଲା। ଏନେଇ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ସଂକୀର୍ତ୍ତନ ଦଳ ସହିତ ବାଡିଖେଳ, ସିଂହବାଦ୍ୟରେ ହଜାର ହଜାର ମାତୃପ୍ରେମୀ ଭକ୍ତମାନେ ଉପସ୍ଥିତ ରହିବା ଫଳରେ ପରିବେଶ ମୁଖରିତ ହୋଇଥିଲା। ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମା ଅବସରରେ ବିଶ୍ୱଶାନ୍ତି ମହା ଯଜ୍ଞୋତ୍ସବ, ନାମଯଜ୍ଞର ଶୁଭାଧିବାସ ସମତେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୁଧବାର ଏହି ଅବସରରେ ରାଜ୍ୟ ତଥା ଜିଲ୍ଲାର ବହୁ ନାମୀଦାମୀ କଳାକାର ମା'ଙ୍କ ପୀଠରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦିନ ମା ସ୍ୱୟଂ ଅଗ୍ନିକୁଣ୍ଡରୁ ବିରାଜମାନ ହେବେ।

ଆସନ୍ତା ଅପ୍ରେଲ ମାସ ୨୫ ତାରିଖରେ ମାଙ୍କ ଯଜ୍ଞୋତ୍ସବର ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହେବ। ଏହି ଦିନ ରାତ୍ରିରେ ହଜାର ହଜାର ଭକ୍ତ ଯୋଗ ଦେଉଥିବାରୁ ପୂଜାକର୍ମ କିପରି ସୁରୁଖୁରୁରେ ହେବ ଏବଂ ବିଶେଷକରି ଶାନ୍ତିଶୃଙ୍ଖଳାର ସହିତ ଭିଡ ନିୟନ୍ତ୍ରଣ କରାଯିବ ସେ ନେଇ ପୁଲିସ ପ୍ରଶାସନ ଏବଂ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସେହିପରି ୨୬ ତାରିଖ ଅପରାହ୍ନରେ ଯଜ୍ଞଚରୁ ବଣ୍ଟନ, ନାମଯଜ୍ଞ ଏବଂ ୨୭ ତାରିଖରେ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ପରେ ନାମଯଜ୍ଞ ଉଦଯାପିତ ହେବ। ସେହିପରି ୩୦ ତାରିଖ ସକଳା ୮ ଘଟିକାରେ ମାଙ୍କ ମହାସ୍ନାନ କରାଯିବା ସହିତ ୯ଟାରେ ବାଲ୍ୟଲୀଳା ଅପରାହ୍ନରେ ପବିତ୍ର ଯଜ୍ଞଭସ୍ମ ମା ଙ୍କ ପୀଠରୁ ବାହାରି ପୂର୍ଣ୍ଣ୍ୟତୋୟା ବୈତରିଣୀ ନଦୀର ଦଶାଶ୍ୱମେଧ ଘାଟରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମାଙ୍କ ମନ୍ଦିର ଏବଂ ଏହାର ଚାରିପାଖ ଉନ୍ନତିକରଣ ପରେ ମନ୍ଦିର ଝଲସୁଛି। ବିଶେଷକରି ମନ୍ଦିରର ପ୍ରବେଶ ଦ୍ୱାର ଭୂତପୂର୍ବ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ପରାମର୍ଶ ଅନୁସାରେ ଅତି ନିଖୁଣ ଭାବେ କରାଯାଇ ଆଗନ୍ତୁକ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରାଯାଇଛି।

### ଜିଲ୍ଲାସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ

# ‘ସମସ୍ତ ବର୍ଗର ମତଦାତାଙ୍କୁ ସାମିଲ ଆହ୍ୱାନ’

**ଯାଜପୁର, ୨୩।୪(ସମିସ)**






ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶମତେ ଯାଜପୁର ଜିଲ୍ଲାରେ ଜୁନ୍ ୧ ତାରିଖରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ନିର୍ବାଚନ କମିଶନ ମତଦାନ ହାରକୁ ଯଥା ସମ୍ଭବ ବୃଦ୍ଧି କରିବା ଦିଗରେ ଯୁବ ଭୋଟର, ଦିବ୍ୟାଙ୍ଗ ଭୋଟର, କିନ୍ନର ଭୋଟର, ବରିଷ୍ଠ ନାଗରିକ ଭୋଟର ମାନଙ୍କୁ ଶତକଡା ଶତ ପ୍ରତିଶତ ସାମିଲ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଚଳିତବର୍ଷ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପଓନ କଲ୍ୟାଣଙ୍କ ନିର୍ଦ୍ଦେଶମତେ ଯୁବ ଭୋଟର, ମହିଳା ଭୋଟର, ସଚେତନ ନାଗରିକମାନଙ୍କୁ ନେଇ ଏକ ପଦଯାତ୍ରା ରାଲି ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରି ଗାନ୍ଧି ଚୁକ, ରେଡକ୍ରସ ଚୁକ, ମେଡିକାଲ ଚୁକ ଦେଇ ହକି ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ଏହି ପଦଯାତ୍ରା ସଚେତନତା ରାଲିକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ନିଖିଲ ପବନ କଲ୍ୟାଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ରାଲି ପ୍ଲାକାର୍ଡ ଧରି ବିଭିନ୍ନ ସଚେତନତା ବାର୍ତ୍ତା ସ୍ଲୋଗାନ ଦେଇ ହକି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ। ଏହି ରାଲିରେ ପାରମ୍ପରିକ ଲୋକକଳା ଘୋଡା ନାଚ, ପାଲା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସହରରେ ମତଦାତା ମାନଙ୍କୁ ମତଦାନ ସାବ୍ୟସ୍ତ କରିବାକୁ ସଚେତନତା କରାଯାଇଥିଲା। ହକି ଷ୍ଟାଡିୟମ ପରିସରରେ ଦସ୍ତଖତ ଅଭିଯାନ, ବିଭିନ୍ନ ଭୋଟର ସଚେତନତା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଟ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲ୍ଲା କାର୍ଯ୍ୟା।ଳୟ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସାମ୍ବାଦିକ ମାନଙ୍କୁ ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ କରାଇବା ସହ ସଚେତନତା ଭୋଟର ଜାଗରଣର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଉଲ୍ଲେଖ କରି ଯାଜପୁର ଜିଲ୍ଲାରେ ଜୁନ୍ ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସଚେତନତାମୂଳକ ଦୃଶ୍ୟଶ୍ରାବ୍ୟ ଭୋଟର ସଙ୍ଗୀତକୁ ଶୁଭାରମ୍ଭ କରିଥିଲେ।

ପରେ ସମଗ୍ର ଜିଲ୍ଲାରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ମାନଙ୍କରେ ଭୋଟର ସଚେତନତା ଜାଗରଣ ନିମନ୍ତେ ଦୁଇଗୋଟି ରଥକୁ ଜିଲ୍ଲା କାର୍ଯ୍ୟାଳୟରୁ ସବୁଜ ପତାକା ଦେଖାଇ ଶ୍ରୀ କଲ୍ୟାଣ ଶୁଭାରମ୍ଭ କରିଥିଲେ।

ପଦଯାତ୍ରା ରାଲିର ସମସ୍ତ କାର୍ଯ୍ୟକ୍ରମ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଅଶୋକ କୁମାର ବେହୁରିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଡେପୁଟୀ କଲେକ୍ଟର, ନିର୍ବାଚନ ରଶ୍ମୀ ରଞ୍ଜନ ମଲ୍ଲିକ, ଶାଶ୍ୱତୀ ସାଡୁଆଳ, ଶ୍ରୀମତୀ ସୋନମ ଦାସ, ଶ୍ରୀ ବରିଆଲ ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ତହସିଲଦାର, ଦଶରଥପୁର ବିକ୍ରମ କେଶରୀ ପରିଡ଼ା, ବିଡିଓ, ଯାଜପୁର ସ୍ୱାଗତ ଦାସ, ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରୀ ଚିନ୍ମୟ ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହିତ ରାଜନୈତିକ ଦଳମାନଙ୍କ ବୈଠକ

**ଯାଜପୁର, ୨୩।୪(ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳମାନଙ୍କ ସହ ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବୈଠକରେ ଯୋଗ ଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିର୍ବାଚନର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଜିଲ୍ଲାରେ ଆଗାମୀ ଜୁନ୍ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଯାଜପୁର-୮ ଲୋକସଭା ଆସନ, ୪୮-ବିଂଝାରପୁର ବିଧାନସଭା ଆସନ, ୪୯-ବରୀ, ୫୦-ବଡଚଣା, ୫୧-ଧର୍ମଶାଳା, ୫୨-ଯାଜପୁର, ୫୩-କୋରାଇ ଏବଂ ୫୪-ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଜିଲ୍ଲାରେ ମୋଟ ୧୬୩୫ ଗୋଟି ବୁଥ୍ ଏବଂ ତନ୍ମଧ୍ୟରୁ ୨ ଗୋଟି ବୁଥ୍‌ର ଶାଖା ବୁଥ୍‌କୁ ନେଇ ସର୍ବମୋଟ ୧୬୩୭ ଗୋଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ୮୮ ଗୋଟି ବୁଥ୍‌ର ସ୍ଥାନ ପରିବର୍ତ୍ତନ ହୋଇଥିବା ବେଳେ ୯୮୧ ଗୋଟି ବୁଥ୍ (ହାରାହାରି ଶତକଡା ୬୦ ଭାଗ ବୁଥ୍)ରେ ଆଦର୍ଶ ଆଚରଣବିଧି ଅନୁଯାୟୀ ୱେବ୍ କାଷ୍ଟିଂ କରାଯିବ। ସେହିପରି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଥିବା ପ୍ରାର୍ଥୀମାନେ ହେଲିପ୍ୟାଡ୍, ଷ୍ଟାର ପ୍ରଚାରକ, ପ୍ରଚାର ପତ୍ରରେ ପ୍ରକାଶକ ଏବଂ ମୁଦ୍ରାକଙ୍କ ନାମ ଛାପିବା, ଜର୍ମାନ ହେଙ୍ଗରର ନିର୍ଦ୍ଧାରିତ ମୂଲ୍ୟାଙ୍କ ବ୍ୟବହାର କରିବା, ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରାର୍ଥୀମାନେ ପ୍ରଚାରଜନିତ ଅନୁମତି ଜିଲ୍ଲା ଏମ୍.ସି.ଏମ୍.ସି. କମିଟିରୁ ନେବା ଆଦି ବିଷୟବସ୍ତୁ ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଅବଗତ କରାଇଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଅତିରିକ୍ତ ଉପ-ଜିଲ୍ଲାପାଳ ଶ୍ରୀମତୀ ମନୋରମା ଜାଲି, ଡେପୁଟୀ କଲେକ୍ଟର, ନିର୍ବାଚନ ଶ୍ରୀ ରଶ୍ମି ରଞ୍ଜନ ମଲ୍ଲିକ, ଡେପୁଟୀ କଲେକ୍ଟର, ଶାଶ୍ୱତୀ ସାଡୁଆଳ, ତହସିଲଦାର, ସୁକିନ୍ଦା ଦମୟନ୍ତୀ ସାହୁ, ତହସିଲଦାର, ଧର୍ମଶାଳା ଶୁଭଙ୍କର ମହାନ୍ତି, ବିଡିଓ, ରସୁଲପୁର ଶ୍ରୀ ଅବନିକାନ୍ତ ସାହୁ, ତହସିଲଦାର, ରସୁଲପୁର ଶ୍ରୀ ନିରଞ୍ଜନ ସାହୁ, ବିଡିଓ, ବଡଚଣା ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବିଜୁ ଜନତା ଦଳ ପ୍ରତିନିଧି ଅମିତ କୁମାର ଦାସ, ବହୁଜନ ସମାଜବାଦୀ ପାର୍ଟି ପ୍ରତିନିଧି ଅକ୍ଷୟ କୁମାର ଜେନା, ଭାରତୀୟ ଜାତୀୟ କଂଗ୍ରେସ ରାଜନୈତିକ ଦଳ ପ୍ରତିନିଧି ଦୁର୍ଯ୍ୟୋଧନ ବେହେରା, ଭାରତୀୟ ଜନତା ପାର୍ଟି ରାଜନୈତିକ ଦଳ ପ୍ରତିନିଧି ସୁଦୀପ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାରମଣ ଦାସଙ୍କୁ ‘କୃଷ୍ଣଚନ୍ଦ୍ର ପତି’ ସ୍ମୃତି ସମ୍ମାନ

**ଯାଜପୁର, ୨୩।୪(ସମିସ):** ଯାଜପୁରର ଆଦର୍ଶ ଶିକ୍ଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପତିଙ୍କ ୫୫ତମ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା ସନ୍ଥମାଧବସ୍ଥ କୃଷ୍ଣକୁଟୀରରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ରାଧାରମଣ ଦାସ ଉଦଘାଟନ କରି ଗୁରୁ କୃଷ୍ଣସାରଙ୍କ ଜୀବନଚର୍ଯ୍ୟା, ଶିକ୍ଷାଦାନ ଶୈଳୀ ଓ ଛାତ୍ର ବତ୍ସଳତା ଆଜିର ଶିକ୍ଷକ ସମାଜ ପାଇଁ ଅନୁସରଣୀୟ ବୋଲି କହିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଡକ୍ଟର ଜ୍ଞାନରଞ୍ଜନ ପତି ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ସଭାରେ ଡଃ ପତିଙ୍କ ସମ୍ପାଦିତ ବିରଜା ଜ୍ୟୋତିର ୪୪ତମ ସଂସ୍କରଣ ବିରଜା କ୍ଷେତ୍ର ସଂସ୍କୃତି ପ୍ରଶ୍ନୋତ୍ତରୀ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଆରମ୍ଭରେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ବେଦପାଠ କରିଥିବାବେଳେ ଶେଷରେ ମନୋରଂଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦଚନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ମିଶ୍ର, ପଣ୍ଡିତ ଅଜିତ ଦାଶ, ପ୍ରଫେସର ଡକ୍ଟର ଦିବ୍ୟଲୋଚନ ସିଂହ, ପ୍ରଫେସର ମଦନ ମୋହନ ପାତ୍ର, ସୁରେନ୍ଦ୍ର କୁମାର ଦୋବାଇ, କ୍ଷୀରୋଦ ଚନ୍ଦ୍ର ପାଠୀ, ଗଦାଧର କୁଣ୍ଡୁ, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱନାଥ ମିଶ୍ର, ପ୍ରଶାନ୍ତ ନାୟକ, ଡାକ୍ତର ଭାଗୀରଥି ରଣା, କିଶୋର ଆଚାର୍ଯ୍ୟଙ୍କ ସହିତ କୃଷ୍ଣସାରଙ୍କ ବହୁ ଛାତ୍ର ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଇଂ ନିହାରରଞ୍ଜନ ପତି ଓ ଇଂ ପ୍ରଭାତ ରଞ୍ଜନ ପତି ପରିଚାଳନା କରିଥିଲେ। ଏହି ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଫେସର ଡଃ ବଟକୃଷ୍ଣ ମହାପାତ୍ର ପ୍ରାଚୀନ ଗୁରୁ ପରମ୍ପରାର ଉଦାହରଣ ଦେଇ କହଲେ, କୃଷ୍ଣସାରଙ୍କ ଭଳି ଶିକ୍ଷକ ହିଁ ଆଜିର ସମାଜକୁ ଉଚିତ୍ ଦିଗଦର୍ଶନ ଦେବାର ଆବଶ୍ୟକତା ରହିଛି। ଅଧ୍ୟାପକ ଦାମୋଦର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଶ୍ୱମ୍ଭର ମିଶ୍ରଙ୍କ ସମେତ ପଣ୍ଡିତ ବସନ୍ତ କୁମାର ପତି, ଆନନ୍ଦଚନ୍ଦ୍ର ସାହୁ, ପଣ୍ଡିତ ଅଜୟ କୁମାର ନନ୍ଦ, ସୁଧାଂଶୁ ଶେଖର ପତି, ବିଶ୍ୱମ୍ବର ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ପତିଙ୍କୁ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ସଂଗୀତ ସାଧକ ତଥା ନାଟ୍ୟକାର ପ୍ରଫେସର ରାଧାରମଣ ଦାସଙ୍କୁ ପରିଷଦ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ସହ କୃଷ୍ଣଚନ୍ଦ୍ର ପତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଡକ୍ଟର ଜ୍ଞାନରଞ୍ଜନ ପତି ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଭାରେ ଡଃ ପତିଙ୍କ ସମ୍ପାଦିତ ବିରଜା ଜ୍ୟୋତିରେ ୪୪ତମ ସଂସ୍କରଣ ବିରଜା କ୍ଷେତ୍ର ସଂସ୍କୃତି ପ୍ରଶ୍ନୋତ୍ତରୀ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆରମ୍ଭରେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ବେଦପାଠ କରିଥିବାବେଳେ ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ମିଶ୍ର, ପଣ୍ଡିତ ଅଜିତ ଦାଶ, ପ୍ରଫେସର ଡକ୍ଟର ଦିବ୍ୟଲୋଚନ ସିଂହ, ପ୍ରଫେସର ମଦନ ମୋହନ ପାତ୍ର, ସୁରେନ୍ଦ୍ର ଦୋବାଇ, କ୍ଷୀରୋଦ ଚନ୍ଦ୍ର ପାଠୀ, ଗଦାଧର କୁଣ୍ଡୁ, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱନାଥ ମିଶ୍ର, ପ୍ରଶାନ୍ତ ନାୟକ, ଡାକ୍ତର ଭାଗୀରଥି ରଣା, କିଶୋର ଆଚାର୍ଯ୍ୟଙ୍କ ସହିତ କୃଷ୍ଣସାରଙ୍କ ବହୁଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଂ ନିହାରରଞ୍ଜନ ପତି ଓ ଇଂ ପ୍ରଭାତ ରଞ୍ଜନ ପତି ପରିଚାଳନା କରିଥିଲେ।

### ମଧୁବନରେ ୮୭ତମ ହିଙ୍ଗୁଳା ଯଜ୍ଞ ଉତ୍ସବ

# ବୈଷ୍ଣବୀ ବେଶରେ ଦର୍ଶନ ଦେଲେ ମା’



**କୁଆଖିଆ, ୨୩।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ମଧୁବନ ହାଟ ପଡ଼ିଆ ମା’ ହିଙ୍ଗୁଳାଙ୍କ ୮୭ତମ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ସକାଳ ୮ଟା ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ପୁଷ୍କରଣୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ମାଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାଇ ପୁଷ୍କରଣୀ ନିକଟରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମାଙ୍କୁ ପାରମ୍ପାରିକ ରୀତିନୀତିର ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଯଜ୍ଞର ପ୍ରଥମ ଦିବସରେ ମା’ ଭକ୍ତମାନଙ୍କୁ ବୈଷ୍ଣବୀ ବେଶରେ ଦର୍ଶନ ଦେଇଥିଲେ। ବ୍ରାହ୍ମଣମାନେ ଯଜ୍ଞ ମଣ୍ଡପକୁ ଶୁଦ୍ଧିକରଣ କରିଥିଲେ। ଯଜ୍ଞ ଆରମ୍ଭ ପୂର୍ବରୁ ମଣ୍ଡପ ସମ୍ମୁଖରେ ଚିତା ଓ ଚିତ୍ର ଅଙ୍କା ଯାଇଥିଲା। ମଣ୍ଡପରେ ସୂର୍ଯ୍ୟପୂଜା, ଧେନୁପୂଜା, କୁଣ୍ଡମଣ୍ଡଳ ପୂଜା ଆଦି କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଠିଲା। ସକାଳ ଓ ସନ୍ଧ୍ୟା ସମୟରେ ଆଳତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସଂକୀର୍ତ୍ତନ ପ୍ରତିଯୋଗିତା ଅତ୍ୟନ୍ତ ଆକର୍ଷଣୀୟ ହୋଇପାରି ଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତବ କରାଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଦିନତମାମ ଭକ୍ତମାନଙ୍କ ମାଙ୍କ ପୀଠକୁ ଲାଗି ରହିଥିଲା। ପୂଜା କାର୍ଯ୍ୟକୁ ଆକର୍ଷଣୀୟ କରିବାକୁ ପରିଚାଳନା କମିଟି ପକ୍ଷରୁ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଓ ମୀନାବଜାର ଆଦି ଖୋଲିବାର ବ୍ୟବସ୍ଥା କରାଯାଇଛି। ତିନିଦିନ ଧରି ପୂଜାକାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସ୍ୱଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

# ସାମାନ୍ୟ ବଚସାରୁ ଗଣ୍ଡଗୋଳ: ଜଣେ ଗୁରୁତର

**ଦାନଗଦି, ୨୩।୪(ସମିସ):** ଦାନଗଦି ଫାଣ୍ଡି ଅନ୍ତର୍ଗତ ଧୁଳିଗଡ଼ ପଞ୍ଚାୟତ ମାନପୁର୍ ମଠ ସାହିରେ ଆଜି ରାତିରେ ଶଳା - ଭିଣୋଇଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ଗଣ୍ଡଗୋଳ ଘଟିଛି। ଏଥିରେ ଭିଣୋଇ ଗୁରୁତର ଆହତ ହୋଇଥିବା ବେଳେ ଶଳା ସମେତ ଅନ୍ୟ ୩ ଜଣ ଆହତ ହୋଇଥିବା ଜଣା ପଡ଼ିଛି। ଆହତମାନଙ୍କୁ ଚିକିତ୍ସା ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ଭିଣୋଇଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଯାଜପୁର ରୋଡ ପୁଲିସ ୪/୫ ଜଣ ବ୍ୟକ୍ତିଙ୍କୁ ଧରିଆଣି ଫାଣ୍ଡିରେ ଅଟକ ରଖିଛି।

ସୂଚନା ମୁତାବକ ମଠସାହିର ମଦନ ଦାସଙ୍କ ପୁଅ ହରି ଦାସ (୩୭) ଅତ୍ୟଧିକ ମଦ ପିଇ ଆଜି ରାତି ପ୍ରାୟ ୮ଟା ବେଳେ ଗାଁ ଲୋକଙ୍କୁ ଗାଳିଗୁଲଜ କରୁଥିଲା। ପାଟି ଶୁଣି ଶଳା ବିଶ୍ୱଜିତ ଦାସ ସେଠାରେ ପହଞ୍ଚି ହରିକୁ କାହିଁକି ଗାଳିଗୁଲଜ କରୁଛୁ ବୋଲି ପଚାରିଥିଲେ। ଉତ୍‌କ୍ଷିପ୍ତ ହୋଇ ସେ ବିଶ୍ୱଜିତ୍‌କୁ ଆକ୍ରମଣ କରିଥିଲା। ପରେ ପାଟିତୁଣ୍ଡ ଶୁଣି ରାମ ପଦ ଓ ଶ୍ୟାମ ପଦ ପହଞ୍ଚି ହରି ଉପରେ ଆକ୍ରମଣ କରିଥିଲେ। ଘଟଣାକୁ ଦେଖି ଗାଁ ର ଲାଲଡୁ ମୁଣ୍ଡା ସେଠାରେ ପହଞ୍ଚି ଉଭୟଙ୍କୁ ଛଡ଼ା ଛଡ଼ି କରୁଥିବା ବେଳେ ତାଙ୍କୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଥିଲା। ଯାହା ଫଳରେ ସେ ବି ଆହତ ହୋଇଛନ୍ତି। ଗାଁ ରେ ରାତିରେ ଅଧିକ ଉତ୍ତେଜନା ଆଶଙ୍କାରେ ପୁଲିସ ମୁତୟନ ଅଛନ୍ତି। ଖବର ଲେଖାହେବ ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ କରାଯାଇନାହିଁ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଶଙ୍ଖଚିଲା, ୨୩।୪(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଛୋଟରାୟପୁର ଗ୍ରାମରେ ଜୈନିକ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଏନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶଯେ ଛୋଟରାୟପୁର ଗ୍ରାମର ଗଦାଧର ପାଢ଼ୀଙ୍କ ପୁଅ ସଦାଶିବଙ୍କ ଅଭିଯୋଗ ମୁତାବକ ସେ ଘରୁ ଦୋକନ ଅସୁଥିବାବେଳେ ତାଙ୍କ ଗ୍ରାମର ଗଜେନ୍ଦ୍ର ପାଢ଼ୀ ଠାକୁର ଘର ନିର୍ମାଣକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ବଟକୃଷ୍ଣ ପାଢ଼ୀ, ହରେକୃଷ୍ଣ ପାଢ଼ୀ, ଗୋପାଳକୃଷ୍ଣ ପାଢ଼ୀ ପ୍ରମୁଖ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ସେମାନେ ସଦାଶିବକୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ବେଳେ ତାଙ୍କ ସ୍ତ୍ରୀ ନିରୁପମା ପାଢ଼ୀ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିଥିଲେ। ଏମିତିକି ତାଙ୍କ ପୁଅକୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନଥିଲେ। ଫଳରେ ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପହଞ୍ଚାଇଥିଲେ। ପରେ ସେମାନେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଥିଲେ। ପରେ ଅପରପକ୍ଷ ମଧ୍ୟ ଶଙ୍ଖଚିଲା ଫାଣ୍ଡିରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଶଙ୍ଖଚିଲା ଫାଣ୍ଡି ଅଧିକାରୀ ସୁଜିତ କୁମାର ମଲ୍ଲିକ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ବ୍ୟବସାୟୀଙ୍କ ପରଲୋକ

**ସିଂହପୁର, ୨୩।୪(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ତାରାକାନ୍ତ ସାହୁଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ସିଂହପୁର ବଜାରରେ ଦୀର୍ଘଦିନ ବ୍ୟବସାୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରତାପ କୁମାର ସାହୁ, ଝିଅ ଆଶାଲତା ସାହୁ, ଜ୍ୱାଇଁ ନରେଶ ସାହୁ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ବଡ଼ପୁଅ ବିପିନ ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହୁଙ୍କ ବିୟୋଗରେ ନିଦ୍ଧିରାମ ପାତ୍ର, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ବ୍ୟବସାୟୀ ସଂଘ ସମ୍ପାଦକ ନିରଞ୍ଜନ ବେଉରିଆ, ହୃଷିକେଶ ସାହୁ, ସୁଧାଂଶୁ ଶେଖର ଧଳ, ପ୍ରତାପ କୁମାର ରାଉତ, ସୁରେନ୍ଦ୍ର କୁମାର ଧଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଅଙ୍ଗନବାଡି ଶିଶୁଙ୍କ ଯାତାୟାତ ସମସ୍ୟା

# ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ପରେ ତଦନ୍ତ

**ବାଲିଚନ୍ଦ୍ରପୁର, ୨୩।୪(ସମିସ):** ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ବଡଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଦଳେଇସାହିରେ ଥିବା ଅଙ୍ଗନବାଡି କେନ୍ଦ୍ରର ଶିଶୁଙ୍କ ଯାତାୟାତ ସମସ୍ୟା ସମ୍ପର୍କରେ ବିଭାଗୀୟ ତଦନ୍ତ କରାଯାଇଛି। ସିଡିପିଓ (ଗ୍ରାମୀଣ, ବାଲିଚନ୍ଦ୍ରପୁର) ଚନ୍ଦନା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସୁପରଭାଇଜର ନଳିନୀପ୍ରଭା ମିଶ୍ର ଦଳେଇ ସାହିକୁ ଯାଇ ଅଙ୍ଗନବାଡି ସମସ୍ୟାର ତଦାରଖ କରିଛନ୍ତି। ଡିଏସଡବ୍ଲୁଓଙ୍କ ନିକଟରେ ସେ ଦାଖଲ କରିଥିବା ରିପୋର୍ଟ ଅନୁସାରେ ପଶ୍ଚିମ ନାନପୁର-୨ ଅଙ୍ଗନବାଡି କେନ୍ଦ୍ର ଅଧିନ ୧ନମ୍ବର ୱାର୍ଡରେ ୫୬ଘର ବାସକରୁଛନ୍ତି। ଲୋକସଂଖ୍ୟା ୨୮୫ ଥିବାବେଳେ ଗର୍ଭବତୀ ସଂଖ୍ୟା ଦୁଇ ଓ ପ୍ରସୂତି ସଂଖ୍ୟା ୩ ରହିଛି। ୦-୬ବର୍ଷ ଶିଶୁସଂଖ୍ୟା ୩୭ ଏବଂ ସେଥିମଧ୍ୟରୁ ୩ରୁ ୬ବର୍ଷର ଶିଶୁ ସଂଖ୍ୟା ୨୧ଜଣ ଅଛନ୍ତି। ସାହିରୁ ଅଙ୍ଗନବାଡି କେନ୍ଦ୍ରର ଦୂରତା ୧କିଲୋମିଟର ଥିବାରୁ ଛୋଟପିଲାଙ୍କ ଯିବାଆସିବାରେ ସମସ୍ୟା ହେଉଛି।

ମଝିରେ ଜାତୀୟ ରାଜପଥ ଓ ବିରୂପା ପୋଲ ପାରି ହୋଇଯିବାକୁ ପଡ଼ିଥାଏ। ଏହି ସମସ୍ୟା ପାଇଁ ନାନପୁର ଦଳେଇସାହିରେ ଏକ ମିନି ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ପାଇଁ ପୂର୍ବରୁ ପ୍ରସ୍ତାବ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଏ ସଂକ୍ରାନ୍ତରେ ପୂର୍ବରୁ ଖବର ପ୍ରକାଶ ପାଇବା ପରେ ଏହାର ସମାଧାନ ପାଇଁ ବୟୋଜ୍ୟେଷ୍ଠ ବ୍ୟକ୍ତି ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟମଣି ଦଳେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୨୦୨୩ ନଭେମ୍ବର ୭ତାରିଖ ଏକ ଚିଠି ଲେଖିଥିଲେ। ଚିଠି ପ୍ରେରଣର କିଛିଦିନ ପରେ ଦଳେଇ ସାହିର ସମସ୍ୟା ସମ୍ପର୍କରେ ଉପଯୁକ୍ତ ତଦନ୍ତ କରାଯାଇ ତାହାର ପ୍ରତିକାର ବ୍ୟବସ୍ଥା ପାଇଁ ରାଷ୍ଟ୍ରପତିଙ୍କ ଦପ୍ତରରୁ ଯାଜପୁର ଜିଲ୍ଲାପାଳଙ୍କ ପାଖକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଆସିଥିଲା। ପରେ ଜିଲ୍ଲାପାଳଙ୍କ ପାଖକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଆସିଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଏହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ରାଜପଥ ପୋଲ ଉପରେ ଶିଶୁମାନେ ଯିବାଆସିବା କରିବା ବିପଦସଙ୍କୁଳ ହୋଇଥିବାରୁ ତୁରନ୍ତ ଏହି ସାହିରେ ଏକ ମିନି ଅଙ୍ଗନବାଡି କେନ୍ଦ୍ର ଖୋଲିବା ପାଇଁ ସୁପରଭାଇଜର ନଳିନୀପ୍ରଭା ମିଶ୍ର ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇଥିବା କହିଛନ୍ତି।

# ନବଜାତ ଶିଶୁ ଉଦ୍ଧାର; ୨ ଦମ୍ପତିଙ୍କ ନାଁରେ ଏତଲା

**ଦଶରଥପୁର, ୨୩।୪(ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତ ସାଉଣ୍ଠି ଗ୍ରାମରେ ଏକ ପରିବାର ନିଜର ନବଜାତ ଶିଶୁ ପୁତ୍ରକୁ ୫୦ ହଜାର ଟଙ୍କାରେ ପଡ଼ୋଶୀ ବ୍ଲକ ଅଳକୁଣ୍ଡ ଥାନା ରଘୁନାଥପୁର ଗ୍ରାମରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମିହିର କୁମାର ଜେନା ଓ ଜିଲ୍ଲା ଚାଇଲ୍ଡ ଲାଇନର ରଜତ୍ କୁମାର ସାହୁ, ସାଗର କୁମାର ବାରିକ ଓ ମୋନାଲିସା ମିଶ୍ର ସାଉଣ୍ଠି ଗ୍ରାମରେ ପହଞ୍ଚିବା ପରେ ଶିଶୁପୁତ୍ର ବିକ୍ରି କରିଥିବା ଦମ୍ପତି ଶିଲୁ ଯେନା ଏବଂ ସଞ୍ଜୁ ଯେନାଙ୍କୁ ପଚରା ଉଚରା କରାଯାଇଥିଲା। ଏହି ସମୟରେ ଶୁଶୁପୁତ୍ର ବିକ୍ରି ଘଟଣାକୁ ସଞ୍ଜୁ ଯେନା ଅସ୍ୱୀକାର କରି ନଥିଲେ ମଧ୍ୟ ସତ ଲୁଚାଇବାକୁ ପ୍ରୟାସ କରିଥିଲେ। ତାଙ୍କଠାରୁ ନବଜାତ ଶିଶୁର ଠିକଣା ସଂଗ୍ରହ କରି ଶିଶୁ ସୁରକ୍ଷା ଟିମ୍ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ରଘୁନାଥପୁର ଗ୍ରାମର ଦମ୍ପତି ଶ୍ରୀଧର ମଲ୍ଲିକ ଓ ଝୁନୁଲତା ମଲ୍ଲିକଙ୍କ ନିକଟରେ ପହଞ୍ଚି ପଚରା ଉଚରା କରିବାରୁ ସେମାନେ ଚଳିତ ମାସ ୧୮ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁ ପୁତ୍ରକୁ ଆଣିଥିବା ସ୍ୱୀକାର କରିଥିଲେ ମଧ୍ୟ ଏଥି ପାଇଁ କୌଣସି ଟଙ୍କା ଦେଣନେଣକୁ ଅସ୍ୱୀକାର କରିଥିଲେ। ସେମାନଙ୍କ କହିବା ମୁତାବକ ତାଙ୍କର ମୋଟ ୩ଟି ସନ୍ତାନ ମଧ୍ୟରୁ ୧ଟି ଲେଖାଏଁ ପୁଅ ଓ ଝିଅର ମୃତ୍ୟୁ ହୋଇଯାଇଥିବା ବେଳେ ସେମାନେ ଏକ ପୁତ୍ର ସନ୍ତାନ ପାଇଁ ବ୍ୟାକୁଳ ଥିଲେ। ତାଙ୍କ ପରିଚିତ ସିଲୁ ଯେନା ଓ ସଞ୍ଜୁ ଯେନାଙ୍କର ଗୋଟିଏ ଶିଶୁପୁତ୍ର ଜନ୍ମ ହୋଇଥିବା ଖବର ପାଇ ତାଙ୍କଠାରୁ ଶିଶୁ ପୁତ୍ରକୁ ଆଣିଥିବା ପ୍ରକାଶ କରିଥିଲେ।

ବିଭାଗର କର୍ମଚାରୀ ସ୍ଥାନୀୟ ଅଳକୁଣ୍ଡ ପୁଲିସକୁ ସୂଚନା ଦେବାରୁ ଥାନା ପକ୍ଷରୁ ଏସ୍‌ଆଇ ରଶ୍ମିତାରାଣୀ ଦୀକ୍ଷିତ୍ ଓ ସନ୍ତୋଷ ବାରିକ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଉଭୟ ଶ୍ରୀଧର ଓ ଝୁନୁଲତା ଶିଶୁ ପୁତ୍ରର ଚିକିତ୍ସା କରାଇବାକୁ ରାଜି ହୋଇଥିଲେ। ଫଳରେ ପୁଲିସ ଉପସ୍ଥିତିରେ ବିଭାଗୀୟ କର୍ମଚାରୀ ଶିଶୁଟିକୁ ଉଦ୍ଧାର କରି ପ୍ରଥମେ ଅଳକୁଣ୍ଡ ଥାନାରେ ପ୍ରାଥମିକ ପ୍ରକ୍ରିୟା ସାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁଟିର ଚିକିତ୍ସା କରାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପରାମର୍ଶ ମୁତାବକ ଯାଜପୁର ସ୍ଥିତ ଶିଶୁଯତ୍ନ କେନ୍ଦ୍ରରେ ଅସ୍ଥାୟୀ ଥଇଥାନ କରିଥିବା ଜଣାଯାଇଛି। ଅପରପକ୍ଷେ ନବଜାତ ଶିଶୁପୁତ୍ର ବେଆଇନ ଭାବେ ହସ୍ତାନର ଘଟଣାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ଟାଉନ ଥାନାରେ ଶିଶୁଟିକୁ ଜନ୍ମ ଦେଇଥିବା ଦମ୍ପତି ଶିଲୁ ଓ ସଞ୍ଜୁ ଯେନାଙ୍କ ସମେତ ଶିଶୁଟିକୁ ରଖିଥିବା ଦମ୍ପତି ଶ୍ରୀଧର ଏବଂ ଝୁନୁଲତା ମଲ୍ଲିକଙ୍କ ବିରୁଦ୍ଧରେ ଏତଲା ଦିଆଯାଇଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କଠାରୁ ସୂଚନା ମିଳିଛି।

# ହେଲ୍‌ପିଂ ହ୍ୟାଣ୍ଡସ ପରିବାର ପକ୍ଷରୁ ଜଳଛତ୍ର

**ହରିପୁର, ୨୩।୪ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂ ହ୍ୟାଣ୍ଡସ ପକ୍ଷରୁ ଜିଲ୍ଲାର ୩ଟି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଜଳଦାନ କରାଯାଉଛି। ରସୁଲପୁର ବ୍ଲକ ଅନ୍ତର୍ଗତ ୟୁଏନଏସ କଲେଜ ଛକ, ଝାଲପଡା ଛକ ଓ ଯାଜପୁର ଟାଉନ ଶାଖା ପକ୍ଷରୁ ନିକଟସ୍ଥ ମଲ୍ଲିକାପୁରରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀଙ୍କ କହିବାନୁଯାୟୀ ଅନୁଷ୍ଠାନ ପକ୍ଷରୁ ଗତ ୪ ବର୍ଷ ଧରି ନିୟମିତ ଭାବେ ୧ ମାସ କାଳ ଜଳଦାନ କରାଯିବା ସହିତ ପଶୁପକ୍ଷୀଙ୍କ ନିମନ୍ତେ ଗଛରେ ଜଳପାତ୍ର ଲଗାଯାଏ। ଚଳିତ ବର୍ଷ ଜଳଛତ୍ର ଚାଲୁ ରହିବ ବୋଲି ଜଣାଇଛନ୍ତି। ଅନୁଷ୍ଠାନର ଦାମୋଦର ମହାରଣା, ସୁବୋଧ ମଲିକ, ଉମେଶ ସାହୁ, ଅଭିମନ୍ୟୁ ନାୟକ, ଅଶ୍ୱିନୀ ଦାସ, ଗୋପାଳ ସାମଲ, ସୁବାସ ବେହେରା, ଅବିନାଶ ବାରିକ, ଅନନ୍ତ ସାହୁ, ମାନସ ଦାସ, ସତ୍ୟପ୍ରକାଶ ସାହୁ, ଅଂଶୁମାନ କର, ବିଦ୍ୟାଭୂଷଣ କର ପ୍ରମୁଖ ଜଳଛତ୍ର ପରିଚାଳନା କରୁଛନ୍ତି।

